ସୃତିଦିଧୁ

Digitized by srujanika@gmail.com

ଉତ୍ସର୍ଗପତ୍ର ।

ମୋର

ପରମାର୍ଚ୍ଚନୀୟ

କଟକ ରେଭେନ୍ସା କଲେଜର ଇଂରାଜୀ ଅଧ୍ୟାପକ

ଶ୍ରୀଯୁକ୍ତ ହେମଚନ୍ଦ୍ର ସରକାର, ଏମ୍: ଏ:,

ମହୋଦୟଙ୍କ

ଚରଣ ଯୁଗଳରେ

କ୍ଷୁଦ୍ର ଭକ୍ତିର

ଉପହାର ସ୍ୱରୂପ

ଏହି ପୁସ୍ତିକା

ଅର୍ପିତ ହେଲା ।

ଲେଖକ ।

Digitized by srujanika@gmail.com

ଭୂମିକା ।

ଉତ୍କଳ ସାହିତ୍ୟ ଯେ ପ୍ରବନ୍ଧ ଦ୍ୱାରା ଉପକୃତ ହେବ ଏ ବିଶ୍ୱାସ ମୋର ନାହିଁ । ପ୍ରବନ୍ଧ ଭଲ ହେଉ କିମ୍ବା ମନ୍ଦ ହେଉ, ଏତିକି ମୋର ସାନ୍ତ୍ୱନା ଯେ ଏହା ଅନ୍ୟ କାହାର ନୁହେଁ, ଏହା କେବଳ ମୋର ନିଜର ଅନ୍ତରର ପ୍ରବନ୍ଧ । ଏ ପୁସ୍ତକ ରଚନା କରିବାବେଳେ ମୁଁ ଭାବର ସ୍ରୋତରେ ଭାସି ଯାଇଅଛି ସେଥିପାଇଁ ଅଧିକାଂଶ ସ୍ଥଳରେ ଭାଷାର ମର୍ଯ୍ୟାଦା ରକ୍ଷା କରି ପାରି ନାହିଁ । ତଥାପି ପାଠକ-ମାନଙ୍କଠାରୁ ତୀବ୍ର ଭର୍ତ୍ସନା ଶୁଣିବାକୁ ଭଲେ ମାତ୍ର ଅନିଚ୍ଛୁକ ନୁହେଁ । ଯାହା କିଛି ଲିଖିତ ହୋଇଅଛି ତାହାର କୌଣସି ସ୍ଥାନରେ ଲେଖକର କୂଟ ତର୍କ ନାହିଁ ଏହା ମୁଁ ଗର୍ବ କରି କହି ପାରେଁ । 'ଗୋଟିଏ କଥା' ପାଠ କରି କେହି ହିନ୍ଦୁବୀର ମୋପ୍ରତି ଖଡ୍ଗହସ୍ତ ହୋଇ ପାରନ୍ତି କିନ୍ତୁ କଥଣ କରିବ ଏହା ମୋର ହୃଦୟ ନିଃସୃତ ବିବେକ ବାଧିତ ଲେଖା । 'ଅବୃଷ୍ଟି ଓ ସାନ୍ତ୍ୱନା'ରେ ଅନେକ ଦୋଷ ଥାଇପାରେ କିନ୍ତୁ ସେ ମୋର ପ୍ରକୃତ ବିବେକ ବାଣୀ । ଅବଶ୍ୟ ବିଷୟ ଗୁଡ଼ିକ ଧର୍ମର ବିଚାର କରିବାର ଭାର ପାଠକ ଏବଂ ସମାଲୋଚକଙ୍କ ଉପରେ ନ୍ୟସ୍ତ ରହିଲା । ଇତି ।

[illegible] ଷ୍ଟ୍ରୀଟ, କଟକ,
ଏପ୍ରିଲ ୨୩।୧୯୧୩ ।

ଲେଖକ ।

ସୂଚୀପତ୍ର ।

ବିଷୟର ନାମ		ପୃଷ୍ଠା ।
୧—କମଳାକାନ୍ତଙ୍କର ଜୀବନ ଚରିତ	...	୧—୧୦
୨—ଉପନ୍ୟାସର ଏକପୃଷ୍ଠା ...		୧୦—୧୨
୩—ଭକ୍ତି ...	...	୧୨—୧୩
୪—ଗୋଟିଏ କଥା ...		୧୩—୧୫
୫—ଅନ୍ନପୂର୍ଣ୍ଣା	...	୧୫—୨୬
୬—ଗୋଟିଏ ପରିବାର		୨୬—୩୧
୭—କୋଣାର୍କ ପଥେ		୩୧—୩୬
୮—ସ୍ୱାର୍ଥତ୍ୟାଗ ...		୩୬—୩୭
୯—ସରସ୍ୱତୀ ପୂଜା ...		୩୭—୪୩
୧୦—କ୍ଷମାଗୁଣ		୪୩—୪୪
୧୧—ଅନ୍ତର୍ବିବାଦ	...	୪୪—୪୮
୧୨—ଅତୃପ୍ତି ଓ ଶାନ୍ତ ନା	...	୪୮—୫୦
୧୩—ଜନୈକ ବନ୍ଧୁ ପ୍ରତି		୫୦—୫୨
୧୪—ଅସ୍ପୃଶ୍ୟ		୫୨—୫୬

ପ୍ରତିବିମ୍ବ ।

କମଲାକାନ୍ତଙ୍କର ଜୀବନ ଚରିତ ।

ଶ୍ରୀଯୁକ୍ତ ହେମଚନ୍ଦ୍ର ସରକାର ମହୋଦୟଙ୍କର 'କମଲାକାନ୍ତ'ରୁ ସଂକ୍ଷିପ୍ତ ଏବଂ କଟକ ଛାତ୍ରସମାଜରେ ପଠିତ ।

ଯେଉଁ ଦେଶରେ ପୂତଃସଲିଳା ସରିତ୍‌କୁଳେଶ୍ୱରୀ ତୁଙ୍ଗତରଙ୍ଗମୟୀ ଗଙ୍ଗାନଦୀ ବହମାନା, ଯେଉଁ ଦେଶରେ ଦ୍ରୁମବୃକ୍ଷ ଅଭ୍ରଭେଦ କରିତଃ ମହାଯୋଗୀ ପୁରୁଷ ନ୍ୟାୟ ଦଣ୍ଡାୟମାନ, ଯେଉଁ ଦେଶ ମହାପୁଣ୍ୟର ନିତ୍ୟ ଲୀଳାସ୍ଥଳୀ ବୋଲି ଅଦ୍ୟ ବିଂଶଶତାବ୍ଦୀରେ ସୁଦ୍ଧା ଜଗତ୍ ପ୍ରସିଦ୍ଧି ଲାଭ କରିଅଛି, ସେହି ଚିର ପୁଣ୍ୟମୟ ଯୋଗୀନ୍ଦ୍ର-ମୁନୀନ୍ଦ୍ରଗଣଙ୍କର ଜନ୍ମଭୂମି ଭାରତବର୍ଷରେ ଅଦ୍ୟ କାଲି ସୁଦ୍ଧା ଅନେକ ପରମଧାର୍ମିକ ଲୋକଗୁରୁ ଦେବଭାବାପନ୍ନ ମହାପୁରୁଷଙ୍କର ଆବିର୍ଭାବ ହୁଏ । ସେହି ସମସ୍ତ ମହାପୁରୁଷମାନଙ୍କ ମଧ୍ୟରେ ଜୀବିତ ଭକ୍ତିଭାଜନ କମଲାକାନ୍ତ ବ୍ରହ୍ମଦାସ ମହାଶୟଙ୍କର ନାମ ଉଲ୍ଲେଖ ଯୋଗ୍ୟ । ତାଙ୍କର ପରୋପକାର ପ୍ରବୃତ୍ତି, ଅକପଟ ସରଳତା, ଗମ୍ଭୀର ଈଶ୍ୱର ବିଶ୍ୱାସ, ସ୍ୱାଭାବିକ ବିଶ୍ୱପ୍ରେମିକତା ଇତ୍ୟାଦି ଦେଖିଲେ କିଏ ମୁଗ୍ଧ ନ ହେବ ?

ମୁର୍ଶିଦାବାଦ ଜିଲ୍ଲାର ପଶ୍ଚିମ ସୀମାନ୍ତରେ ଦେଉନାପୁର ଗ୍ରାମସ୍ଥ ଜଣେକ ପଦ୍ମଲୋଚନ ଘୋଷର ୧୨୪୪ ସାଲର ୧୯ଶେ ମାଘରେ ଗୋଟିଏ ପୁତ୍ର ସନ୍ତାନ ଭୂମିଷ୍ଠ ହୁଏ । ଏହାଙ୍କରି ନାମ କମଲାକାନ୍ତ । ତାଙ୍କର ମାତାଙ୍କର ନାମ ଉମାସୁନ୍ଦରୀ । କମଲାକାନ୍ତ ଶୈଶବରେ ପିତୃହୀନ ହେବାରୁ ସୁଚାରୁରୂପେ ବିଦ୍ୟାର୍ଜ୍ଜନ କରି ପାରିଲେ ନାହିଁ । କିନ୍ତୁ ସେ ସମୟରେ ତାଙ୍କର ସତ୍‌ସଙ୍ଗ ଲାଭ ହୋଇଥିଲା । ତାଙ୍କର

Digitized by srujanika@gmail.com

ମାତା ଅତ୍ୟନ୍ତ ଭଗବନ୍ନିଷ୍ଠାପରାୟଣା ଏବଂ ତାଙ୍କର ପ୍ରତିବେଶୀ ଅନ୍ୟ ଜଣେ ଘୋଷ ମହାଶୟ ସେ ମଧ୍ୟ ପରମ ଧାର୍ମିକ ଏବଂ ପରମ ଉପକାରୀ ଥିଲେ । ଭଗବତ୍ କୃପାରୁ ସେ କୌଣସି ସ୍କୋଲରେ କିମ୍ବା କୌଣସି ମାଦ୍ରାସାରେ ନ ପଢ଼ି ସୁଦ୍ଧା ଅନେକାନେକ ସାରଗର୍ଭ ପଦ୍ୟ ଏବଂ କତିପୟ ଅତ୍ୟୁତ୍କୃଷ୍ଟ ପୁସ୍ତକ ଲେଖି ଯାଇ ଅଛନ୍ତି । ଉଦାହରଣ ସ୍ୱରୂପ ଦୁଇଟି ପଦ୍ୟ ଏଠାରେ ଉଦ୍ଧୃତ କଲି ।

(୧)

ଏକ୍ ହରିକା ପୂଜାମେ ସବ୍ ଦେବ୍‌କା ହୋୟ ପୂଜା
ଏକ୍ ହରିକା ନାମ୍‌ସେ ସବ୍ ତୀରଥ୍ ହୋୟ ସୋଜା
ଏକ୍ ହରିକା ଚରଣ୍‌କୋ ପ୍ରେମ ଭକ୍ତିସେ ପୂଜେଗା
କହେ ଗୁରୁଦେବ ତୀରଥ୍‌କା ଫଲ୍ ଘର ବୈଠେ ମିଲେଗା ।
ଷ୍ଟେଟ! ଲେଡ଼୍‌କା ଆପନା ଦେଖ୍‌କେ ଖୋସ୍ ରହେ ହରଦମ୍
ଏଇସା ମାୟାଧାରୀ ଲୋକ୍ ମାୟାମେ ହ୍ୟାୟ୍ ବନ୍ଦ୍
ଶ୍ରୀଗୁରୁ ପ୍ରସଦ୍ ପ୍ରଭୁକୋ ଯୋଡ଼୍‌ତା ହ୍ୟାୟ୍ ଦୋ ହାଥ୍
ନାନକଗୁଣ୍ ସୋ ନଜନରଣ୍ ସୋ ମଡ୍‌କସେ ଚପାଥ୍ ।

ଗୋଟିଏ କଥା ଅଛି "ସତ୍‌ସଙ୍ଗରେ କାଶୀବାସ, ଅସତ୍ ସଙ୍ଗରେ ସର୍ବନାଶ" । କମଳାକାନ୍ତ ଯେ ଏହିରୂପ ସତ୍‌ସଙ୍ଗ ଲାଭ କରି ସ୍ୱର୍ଗର କମଳାନନ୍ଦ ଉପଭୋଗ କରୁ ଥିଲେ ଏବଂ ବର୍ତ୍ତମାନ ସୁଦ୍ଧା ଉପଭୋଗ କରୁଅଛନ୍ତି ଏହା ବୋଲିବା ବାହୁଲ୍ୟ ମାତ୍ର ।

ଗୋଟିଏ ଘଟଣାରୁ କମଳାକାନ୍ତଙ୍କର "ନିଃସ୍ୱାର୍ଥ ଜୀବନସେବା"ର ଯାଥାର୍ଥ୍ୟ ଉପଲବ୍ଧି କରି ପାରୁଁ । ୧୨୭୫ ସାଲରେ କମଳାକାନ୍ତଙ୍କର ପ୍ରତିବେଶୀ ଗୋଲକଚନ୍ଦ୍ର ରାୟଙ୍କର ଘରେ ହଠାତ୍ ଦିନେ ଦିବା ଦ୍ୱିପ୍ରହର ବେଳେ ନିଆଁ ଲାଗିଲା । ସେହି ମୁହୂର୍ତ୍ତରେ କମଳକାନ୍ତ ନିଜଗୃହ ପରିତ୍ୟାଗ କରି ଅନ୍ୟ ଗୋଟିଏ ଗୃହ ଅଗ୍ନିରୁ ମୁକ୍ତ

Digitized by srujanika@gmail.com

ଶ୍ୱାସରେ ଦ୍ରୁତ ବେଗରେ ପ୍ରସ୍ଥାନ କଲେ ଏବ ମୁହୂର୍ତ୍ତକ ମଧ୍ୟରେ କମ୍ବଳାବୃତ ଗୋଟିଏ ଶୀତକ୍ଳିଷ୍ଟ ଶିଶୁକୁ ଘେନି ବାହାର ହେଲେ ଏବ ତତ୍ପରେ ଶିଶୁଟିକୁ ତାର ଅଭୁକ୍ତ ମାତାର କ୍ରୋଡ଼ରେ ଦେଇ ନିଜଗୃହ ଅଡ଼କୁ ଧାବିତ ହେଲେ । କମଳାକାନ୍ତଙ୍କୁ ଦେଖି ତାଙ୍କର ମାତା ଟିକିଏ ବିରକ୍ତି ଭାବ ଦେଖାଇ କହିଲେ, "ଏପରି ସମୟରେ କି କେଉଁଆଡ଼େ ଯିବା ଉଚିତ ?" କମଳାକାନ୍ତ ଶିଶୁଟିର ବୃତ୍ତାନ୍ତ ବିବୃତ କଲାରୁ ତାଙ୍କର ମାତା ସନ୍ତୁଷ୍ଟ ହୋଇ କହିଲେ "ବେଶ୍ କରି ଅଛ ।" ଦେଖୁଁ ଦେଖୁଁ ନିଜର ଘର ପୋଡ଼ି ଭସ୍ମସାତ୍ ହୋଇଗଲା ।

କମଳାକାନ୍ତ ଅତିଶୟ ଉଦ୍ୟୋଗୀ ଥିଲେ । ତାଙ୍କର ଆନ୍ତରିକ ଉତ୍ସାହ ଏବ ଉଦ୍ୟମର ବଳରେ ସେ କ୍ରମେ କ୍ରମେ ବିଦ୍ୟା ଏବ ଅର୍ଥ ଉପାର୍ଜନ କରିବାକୁ ଲାଗିଲେ । କେତେ କଷ୍ଟରେ କେତେ ଦୁଃଖରେ ଯେ ସେ ମନୁଷ୍ୟ ହୋଇ ଅଛନ୍ତି ତାହା ଅନେକ ପ୍ରାତଃ-ସ୍ମରଣୀୟ ଜଗଦ୍ବିଖ୍ୟାତ ମହାପୁରୁଷଙ୍କର ଜୀବନରେ ପରିଲକ୍ଷିତ ହୋଇ ଥାଏ । ବିଦ୍ୟାସାଗର, ଜନ୍ସନ୍ ପ୍ରଭୃତି ମହାପୁରୁଷମାନଙ୍କର ବାଲ୍ୟ ଜୀବନ କି ଦାରୁଣ ଦୁଃଖମୟ !

ତାଙ୍କର ଅଟଳ ଧୈର୍ଯ୍ୟ ବିଶ୍ୱାସର ପରିଚୟ ନିମ୍ନଲିଖିତ ଘଟଣାରୁ ମିଳେ । ଯେତେବେଳେ ତାଙ୍କର ନାମରେ ମିଥ୍ୟା ଉତ୍କୋଚ ଗ୍ରହଣର ଅଭିଯୋଗ ଉପସ୍ଥିତ ହୁଏ ସେତେବେଳେ ସୁଦ୍ଧା ତାଙ୍କର ଧୈର୍ଯ୍ୟଚ୍ୟୁତି ହୋଇ ନାହିଁ । ତାଙ୍କର ତାତ୍କାଳୀନ ମନର ପ୍ରଫୁଲ୍ଲତା ଦେଖି ତାଙ୍କର ସମବୟସ୍କ ବନ୍ଧୁମାନେ କହୁଥିଲେ, "ଏହେ ତୁମ ଉପରେ ଏତେବଡ଼ ଦାୟୁରାର ମୋକଦ୍ଦମା; ତୁମ୍ଭେ କେଉଁ ସାହସରେ ନିଶ୍ଚିନ୍ତ ଭାବରେ ବୁଲୁଅଛ ?" ତଦୁତ୍ତରରେ ସେ କହିଥିଲେ "ସତ୍ୟ ଯଦି ସତ୍ୟ ହୁଏ ତେବେ ଭୟ କଅଣ ? ସମସ୍ତେ ତ କହିଥାଅନ୍ତି ସତ୍ୟର ଜୟ ଚିରଦିନ; ତେବେ ଆଉ ଭାବନାର ବିଷୟ କଅଣ ?" ଦୁର୍ଭାଗ୍ୟବଶ ତାଙ୍କର ଜୀବନର ଅନ୍ତିମ କାଳରେ କମଳାକାନ୍ତଙ୍କୁ

Digitized by srujanika@gmail.com

କହି ଯାଇଥିଲେ, "ଏଠାରେ ତୁମର ତ ନଜର ବୋଲିବାର କେହି ନାହାନ୍ତି, ସାବଧାନରେ ଥାଅ, ମୋର ସମୟ ଶେଷ ହୋଇ ଆସିଲା, ତୁମେ ଅଧୀର ହୁଅ ନା । ତୁମକୁ ରଖି ମୋର ଯିବାହିଁ ମଙ୍ଗଳ ।" ବିଭୁଙ୍କର ନାମ କରୁଁ କରୁଁ ତାଙ୍କର ପ୍ରାଣ ମହାପ୍ରାଣରେ ମିଶିଗଲା ।

କମଳାକାନ୍ତଙ୍କର ଧର୍ମଭାବ ହୃଦୟରେ ସର୍ବଦା ଜାଗରୂକ ଥିଲା । ଯେଉଁଠାରେ ଧର୍ମବିଷୟ ଆଲୋଚନା ହୁଅନ୍ତା, ସେ ଆଗ୍ରହର ସହିତ ସେଠାକୁ ଯାଆନ୍ତେ । ମାତାଙ୍କର ସ୍ୱର୍ଗାରୋହଣ ପରେ କମଳାକାନ୍ତ ବ୍ରାହ୍ମମାନଙ୍କର ସଂସର୍ଗରେ ଆସି ଆକାର ଏବଂ ନିରାକାର ଘେନି ଘୋର ସମସ୍ୟାରେ ପଡ଼ିଲେ । ଧର୍ମର ସାର ତତ୍ତ୍ୱ ଅନ୍ୱେଷଣ କରିବା ପାଇଁ ତାଙ୍କର ପ୍ରଗାଢ଼ ଆକାଂକ୍ଷା ହେଲା । ଦିନେ ଗୃହମଧ୍ୟରେ ମଧ୍ୟାହ୍ନ ଉପାସନା ପରେ ଟିକିଏ ଧ୍ୟାନର ଚେଷ୍ଟା କରୁଥିଲେ, ସେହି ସମୟରେ ତାଙ୍କର ହୃଦୟରୁ ଯେଉଁ ସଙ୍ଗୀତଟି ପ୍ରକାଶ ହୁଏ ତାହା ଏହି ;—

ଜୀବ ନବ ଯନ୍ତ୍ର ଧର କରେ

ନିଦାନ ବିଧାନ, ବ୍ରହ୍ମ ତତ୍ତ୍ୱଜ୍ଞାନ, ବାଜେ ଯାହେ ତାରେ ତାରେ
ଚିନ୍ତଇୟା ମନେ, ଧ୍ୟାନ ଲୟଯୋଗେ, ବ୍ରହ୍ମଗୁଣ ଗାନ କରେ ପ୍ରେମରାଗେ
ଜାଗ୍ରତ ବିବେକେ ଭକ୍ତି ଅନୁରାଗେ, ସତ୍ୟ ସୁଧାମୟ ସ୍ୱରେ
ଏ ମନ୍ତ୍ରେ ଅନନ୍ତ ରାଗେର ସୃଜନ, ବ୍ରହ୍ମରୂପ ହୃଦେ ପାୟ ଦରଶନ
ରାଗ ହିଂସା ଦ୍ୱେଷ ହୟ ବିସର୍ଜନ, ଭ୍ରାନ୍ତି ନାଶେ ଶାନ୍ତି ଗୁଣେ,
ଆସକ୍ତି ଭାବନା ବିଳାସ ବାସନା, ଉଦାରେ ଘୁଚେ ସକଳ ଯନ୍ତ୍ରଣା
ମାୟା ପ୍ରଲୋଭନୀର ହୟ ବିଡମ୍ବନା ଯବ ପ୍ରେମେ ବାଦ୍ୟ କରେ ।

ଏହି ଘଟଣାରୁ କମଳାକାନ୍ତଙ୍କର ବ୍ରାହ୍ମଧର୍ମ ପ୍ରତି ଆସ୍ଥା ହେଲା । କିନ୍ତୁ କେଉଁ ଧର୍ମନିଷ୍ଠା ଗ୍ରହଣ କରିବେ ଏବଂ କେଉଁ ଧର୍ମନିଷ୍ଠା ଅବା ପରିତ୍ୟାଗ କରିବେ ଏହି ବିଷୟ ଘେନି ତୀବ୍ର ସଂଗ୍ରାମରେ ରତ

Digitized by srujanika@gmail.com

ହୋଇଥିଲେ । ଯେତେବେଳେ କମଲାକାନ୍ତ ବ୍ରାହ୍ମ ହେବାକୁ ଲାଗିଲେ ସେତେବେଳେ ତାଙ୍କ ପ୍ରତି ସାମାଜିକ ଶାସନ ଆରମ୍ଭ ହେଲା । ତନ୍ତ୍ରୁ ପ୍ରବଳ ସଦିଚ୍ଛାକୁ ଦମନ କରି ରଖିବା କି ସମାଜର ସାଧ୍ୟ ? ଯେତେବେଳେ ସେ ଧୋବା ବନ୍ଦ କଥା ଶୁଣିଲେ ସେହିପରି ଗୈରିକବସନ ପରିଧାନ କଲେ ।

ନାପିତ ଯୋଗ କରିବ ନାହିଁ ସେଥିପାଇଁ ନଖ ଦାଢ଼ି ଏକେ-ବାରେ ଛାଡ଼ି ଦେଲେ । ସେ ଏହିସବୁ ବ୍ୟାପାରରେ ଭ୍ରୂକ୍ଷେପ ନ କରି ସତ୍ୟ କଥଣ ଏହାର ଚିନ୍ତାରେ ଅତ୍ୟନ୍ତ ବ୍ୟସ୍ତ ହୋଇ ପଡିଲେ । ଦିନେ ସେ ଧ୍ୟାନରେ ବସିଅଛନ୍ତି, ଏପରି ସମୟରେ ତାଙ୍କର ହୃଦୟରେ କିଏ ଯେପରି ଏହି କଥା କହିଲେ, "ରେ ମୂର୍ଖ ! ଭ୍ରାନ୍ତିର ଅନ୍ଧକାରରେ କାହିଁକି ଭ୍ରମଣ କରୁଅଛୁ ? ପ୍ରକୃତ ସତ୍ୟକୁ ଆଶ୍ରୟ କର ।" ସେହି ଦିନଠାରୁ କମଲାକାନ୍ତଙ୍କର ସାକାର ପୂଜାରେ ବିଶ୍ୱାସ ଭଗ୍ନ ହେଲା ଏବଂ ଏକେଶ୍ୱରବାଦ ବିଶ୍ୱାସ ଦିନ ଦିନ ଘନୀଭୂତ ହୋଇ ତଦ୍ରୂଢ଼ ଅଟଳ ବିଶ୍ୱାସ ସ୍ଥାପିତ ହେଲା ।

ଗୋଟିଏ ଘଟଣାରୁ କମଲାକାନ୍ତଙ୍କର ଏହିପରି ଧାରଣା ହୋଇ-ଥିଲା ଯେ ହୃଦୟ ମଧ୍ୟରେ ଅନାହତ ଶବ୍ଦରେ ଈଶ୍ୱର କଥା କହନ୍ତି, ଏହାହିଁ ବିବେକ ନାମରେ ଅଭିହିତ । ହଠାତ୍ ଦିନେ ସେ ହୃଦୟ ମଧ୍ୟରେ ଶୁଣି ପାରିଲେ ଯେ ଅସାର ଆସକ୍ତି ସଂଗ୍ରାମରେ ଜୟୀ ହୋଇ ପାରିଲେ ପ୍ରକୃତ ବୈରାଗ୍ୟର ଆଶ୍ରୟ ମିଳେ । ଆଶ୍ରମ-ଅନାସକ୍ତି ବୈରାଗ୍ୟ ସାଧନ କଲେଁ ସଂସାର ଭିତରେ ନିକେତନ ନ ହୋଇ ଅମୃତର ଆଳୟ ହୁଏ । ତାଙ୍କର ଅଭେଦ ଭକ୍ତିର କଥା ଶୁଣିଲେ କିଏ ବିସ୍ମୟ ରସରେ ଆପ୍ଲୁତ ନ ହେବ ? ତାଙ୍କ ପାଖରେ ଭକ୍ତିରଂ ଭେଦବୁଦ୍ଧି ହିଁ ପାପର ମୂଳ । ପିତାମାତା ମେହେନ୍ଦ୍ରର ତଣ୍ଡୁଳ ସମର୍ଥନର ଆଧାର । ଅନେକ ସାମୟିକ ଘଟଣା ଦ୍ୱାରା ସେ ଏହି

Digitized by srujanika@gmail.com

କଥାଟି ବେଶ ଭଲକରି ହୃଦୟଙ୍ଗମ କରିଥିଲେ ଯେ ଈଶ୍ୱରଙ୍କ ଉପରେ ନିର୍ଭର କରି ପାରିଲେ ଆମ୍ଭମାନଙ୍କର ସକଳ ଇଚ୍ଛା ପୂର୍ଣ୍ଣ ହୁଏ ।

ସେ ବୁଝିଥିଲେ ଯେ ସତ୍ୟ ପଥ ଏକଦିଗରେ ହୁଏ ଆଉ ସମସ୍ତ ପୃଥିବୀ ପଥ ଅନ୍ୟ ଦିଗରେ ହୁଏ, ତାହାହେଲେ ପୁଣି ସତ୍ୟର ଆଶ୍ରୟ ଗ୍ରହଣ କରିବ । ସେ କହୁଥିଲେ ସତ୍ୟ ବିଶ୍ୱାସ ମୂଳରେ ଜଗତ୍ ଏକପକ୍ଷ ହେଲେହିଁ ବା ଭୟର କାରଣ କଣ ?

କମଳାକାନ୍ତ ବୁଝିଥିଲେ ଯେ ଉଦାର ବ୍ରାହ୍ମଧର୍ମ ଦ୍ୱାରା ସାମାଜିକତାର ଘୋର ଅନ୍ଧକାରକୁ ବିନାଶ କରିବା ଏହାହିଁ ଧର୍ମର ସାର ଏବଂ ସମନ୍ୱୟ । ଜାତ୍ୟଭିମାନର ଆବରଣ ଉପସାରିତ ହେଲେ ମହାଜ୍ଞାନର ଆବିର୍ଭାବ ହୁଏ । ତତ୍‌ସଙ୍ଗେ ନିର୍ବିକାର ଚୈତନ୍ୟର ନିତ୍ୟବିଧାନର ଆଲୋକ ଫୁଟି ଉଠେ । ତାଙ୍କର ଗୋଟିଏ ମତ ଏହି ଯେ "ପ୍ରତ୍ୟେକ ପ୍ରାଣୀ ମଧ୍ୟରେ ଚୈତନ୍ୟ ଶକ୍ତିର ଭାବ ବିକାଶ ପାଉଅଛି ଏହା ପ୍ରତ୍ୟକ୍ଷ କରି ପୁଣି ଏହାକୁ ବୃଥା ଭାବି ଅଚେତନ ଜଡ଼ବସ୍ତୁରେ ଈଶ୍ୱର ଦର୍ଶନ ବାସନା ଯେ ଭ୍ରାନ୍ତିର ଆବରଣ ତାହା କେହି ମନେ କରନ୍ତି ନାହିଁ । ତାଙ୍କର ଆଉ ଗୋଟିଏ ଅଭିମତ ଏହି ଯେ "ଯୋଗୀ ଯୋଗରାଜ୍ୟରେ ଜାଣି ପାରନ୍ତି ଯେ ଏକମାତ୍ର ସତ୍ୟହିଁ ଧର୍ମ । ଧର୍ମ ଧୃ ଧାତୁରୁ ସିଦ୍ଧ ; ଯାହା ମଧ୍ୟରେ ସମସ୍ତ ଧାରଣା ଶକ୍ତି ଅଛି ତାହାହିଁ ଧର୍ମ ଅର୍ଥାତ୍ ଧର୍ମହିଁ ବ୍ରହ୍ମ । ତେବେ "ବ୍ରହ୍ମ କୃପାହି କେବଳଂ" ଏହି ମହାମନ୍ତ୍ର ଭିନ୍ନ ପରିତ୍ରାଣର ଆଉ ଅନ୍ୟ ଉପାୟ ନାହିଁ । ପୃଥିବୀରେ ଯେତେ ପ୍ରକାର ଧର୍ମ ଅଛି ସେଥି ମଧ୍ୟରେ ଏହାହିଁ ସର୍ବଶ୍ରେଷ୍ଠ । ଯୋଗଭ୍ରଷ୍ଟ ମାନବଙ୍କଠାରୁ ସକାମ-ଧର୍ମ ଦ୍ୱାରା କଳ୍ପିତ ଧର୍ମସମୂହ ସୃଷ୍ଟି ହୋଇଅଛି ।"

କମଳାକାନ୍ତ ଏହି ସମସ୍ତ ବିଷୟରେ ଯେ ଏକେବାରେ ଭ୍ରାନ୍ତିହୀନ

Digitized by srujanika@gmail.com

ଅସକ୍ତି-ଶୂନ୍ୟ ତାହା କହିପାରୁ ନା, କାରଣ ମାନବର କ୍ଷୁଦ୍ରାଧାରରେ ସମ୍ୟକ୍ ସତ୍ୟ ବିକାଶ ହେବା ଅସମ୍ଭବ । ତେବେ, ଯାହାହେଉ, କମଲାକାନ୍ତଙ୍କର ଯେ ସକଳ ପ୍ରକାର ଲୋକଙ୍କ ସହିତ ଆନ୍ତରିକ ସ୍ନେହ ଏବ ଅକୃତ୍ରିମ ପ୍ରେମ ଥିଲା ଏ ବିଷୟରେ ସନ୍ଦେହ କରିବାର କୌଣସି କାରଣ ଦେଖାଯାଉ ନାହିଁ ।

କମଲାକାନ୍ତ ପ୍ରକୃତ ଈଶ୍ୱର ପ୍ରେମିକ । ଅବସର ପ୍ରାପ୍ତ ହେଲାକ୍ଷଣି ସେ ନିର୍ଜ୍ଜନ-ଚିନ୍ତାରେ ବ୍ରହ୍ମାନନ୍ଦ ଭୋଗ କରୁଥିଲେ ଏବ ଏହିପରି କରି୨ ତାଙ୍କର ଏ ପ୍ରକାର ଶକ୍ତି ଜନ୍ମିଥିଲା ଯେ କେଉଁଦିନ କି ଅନିଷ୍ଟ ଘଟିବ ତାହା ସେ ତତ୍ପୂର୍ବରୁ ଜାଣି ପାରୁଥିଲେ । ବାସ୍ତବିକ ହରିନାମର ଏକ ଅସୀମ ଶକ୍ତି !

"ପ୍ରେମ୍‌ସେ ହରିଗୁଣ ବୋବା ବଲେ ଅନ୍ଧ ହରିକୋ ଦେଖେ
ବହେରା ହରଗୁଣ୍ ଶୋନେ, ନାଚେ ପଙ୍ଗୁ ହରିଧନ୍ ଲେକେ ।"

ପୁଣି

"ଘସ୍‌ତେ ଘସ୍‌ତେ ଚନ୍ଦନ୍‌କା ଯୋ କୁଟ୍‌ତା ଦ୍ୟାସୁ ସୁବାସ୍
ହର ଭଜନ୍‌କା ଏଇସି ବାତ ମତ୍ ହଓ ନିରାଶ ।"

ସେ ସଂସ୍କୃତ ନ ପଢ଼ି ସୁଦ୍ଧା 'ନିର୍ଲିପ୍ତଭାବ' 'ସାକାରଭାବ କଥନ ।' 'ବିଶ୍ୱାସ, ଶାନ୍ତି, ସାଧନା ମଧ୍ୟରେ କେଉଁଟା ମୂଳ ?' ଏହି ସମସ୍ତ ବିଷୟ ଯେପରି ଭାବରେ ବୁଝାଇଅଛନ୍ତି ତାହା ତାଙ୍କର ଜୀବନ ଚରିତ ପାଠ କଲେ ବିଶଦରୂପ ଜଣାଯାଏ । ସେ କହିଅଛନ୍ତି "ବିଶ୍ୱାସଇ ମୂଳ । ଅନ୍ତର୍ଜଗତରେ ଏକମାତ୍ର ପରବ୍ରହ୍ମର ଧ୍ୟାନ ଧାରଣାରେ ବାତ-ବିକମ୍ପିତ ବୃକ୍ଷ ପରି ମୋହମୁଗ୍ଧ ଚଞ୍ଚଳଚିତ୍ତକୁ ଏକାଗ୍ରତାର ଦୃଢ଼ବନ୍ଧନରେ ବନ୍ଧ ରଖି ଗାଢ଼ ଅନ୍ଧକାର ମଧ୍ୟ ଦେଇ ସ୍ଥିର କରିବାକୁ ହେବ । ବିଶ୍ୱାସ ଯେତେ ଘନ ହୋଇ ଘୋଟିବ ଘୋର ଘଳମାନେ ମହାକାଶ ସେତେ ସ୍ୱଚ୍ଛ ଏବଂ ଉଜ୍ଜ୍ୱଳ ହେବ ।

Digitized by srujanika@gmail.com

ଫଳତଃ ନିବଡ଼ ତମୋବୃତ ହୃଦୟାକାଶରେ ଯାହାଙ୍କର ବିଶ୍ୱାସ ପ୍ରବଳ ଥାଏ, ତାଙ୍କରଇ ସାଧନର ଭକ୍ତି ଦୃଢ଼ ହୁଏ । ସେତେବେଳେ ପୃଥିବୀର ଦୃଷ୍ଟି ଅନ୍ତର୍ହିତ ହୋଇଯାଏ, ଅନ୍ତର୍ଜ୍ୟୋତିଃ ଲକ୍ଷିତ ହେବାକୁ ଲାଗେ, ସର୍ବଶକ୍ତିମାନ୍ ଈଶ୍ୱରଙ୍କର ଅନନ୍ତ ସ୍ୱରୂପସ୍ପୃହା ଜନ୍ମେ, ନାସ୍ତିକମାନଙ୍କ ପ୍ରତି ଭୟ ହୁଏ ।" ଅର୍ଥ ସଞ୍ଚୟ ସମ୍ବନ୍ଧରେ ସେ ଏହିପ୍ରକାର କହି ଅଛନ୍ତି;- "ସତ୍ୟାନୁଷ୍ଠାନ ଦ୍ୱାରା ଯେଉଁ ଉପାର୍ଜନ ହୋଇ ଥାଏ, ତାହାହିଁ ଯଥାର୍ଥ ଅର୍ଥ ସଞ୍ଚୟ; କେବଳ ସେଥିରେ ପୃଥିବୀର ପ୍ରୀତିର କାର୍ଯ୍ୟ ହୁଏ । ବିଶୁଦ୍ଧ ଜ୍ଞାନର ଅନୁସରଣରେ ଯେଉଁ ସମୃଦ୍ଧ ଅର୍ଥ ସଞ୍ଚିତ ହୁଏ ତାହାର ପ୍ରକୃତ ଐଶ୍ୱର୍ଯ୍ୟ ।"

ସୁରାସମ୍ବନ୍ଧରେ ସେ ଲେଖି ଅଛନ୍ତି ଯେ "ବିକାରବର୍ଦ୍ଧକ ମତ୍ତତାର ଆନନ୍ଦ ଏକ ସ୍ୱଭାବ ପବିତ୍ର ସ୍ପର୍ଶ ଜନିତ ମହାଜ୍ଞାନର ଜ୍ୟୋତି ପ୍ରକାଶ କରିବାକୁ ଅସମର୍ଥ ହୁଏ । ସୁତରାଂ ସୁରାସେବା ବିବେକାନ୍ଧ ବ୍ୟକ୍ତିର ମତ୍ତତାରେ ଯେ ସମୂହ ବ୍ୟାପାର ଉପସ୍ଥିତ ହୋଇ ଥାଏ ତାହା ବିପଦ୍ ବ୍ୟତୀତ ଅନ୍ୟ କଅଣ ହୋଇ ପାରେ ? ଯୋଗୀଗଣ ସ୍ୱର୍ଗୀୟ ସୁରା ସେବନରେ କଦାପି ମୂର୍ଚ୍ଛିତ ବା ଅଜ୍ଞାନ ହୁଅନ୍ତି ନାହିଁ; ସେମାନଙ୍କର ଶରୀର ବ୍ରହ୍ମଯୋଗରେ ସର୍ପଶଲ୍କବତ୍ ପୃଥିବୀରେ ଅବସ୍ଥିତ କରେ ସତ୍ୟ, କିନ୍ତୁ ବିବେକ ପ୍ରସନ୍ନ ରହି ଥିବା ଯୋଗୁଁ ସେମାନେ କ୍ଷଣକାଳ ସୁଦ୍ଧା ନିତ୍ୟ ମତ୍ତତାରୁ ବଞ୍ଚିତ ରହନ୍ତି ନାହିଁ ।"

ସେ ଏହା ଭଲ କରି ବୁଝି ଥିଲେ ଯେ "ମାନବଗଣ ବିଷୟ ବିଷପାନରେ ଉତ୍ସୁକ ସ୍ୱର୍ଗୀୟ ସୁଧା ଗ୍ରହଣ" କରିବାକୁ ଇଚ୍ଛା କରନ୍ତି ନାହିଁ, ଅସାର ଐଶ୍ୱର୍ଯ୍ୟକୁ ତୃପ୍ତି ନିଦାନ ବୁଝି କୃତାର୍ଥ ହେଉ ଅଛନ୍ତି । ତହିଁର ନିମେଷକାଳ ସୁଦ୍ଧା ଚିନ୍ତା କରନ୍ତି ନାହିଁ ଯେ, ଏହି ଅନିତ୍ୟ ଭୋଗସୁଖର ଆତିଶଯ୍ୟବଶତଃ ପାପର - ତୀବ୍ରଦହନରେ ଦଗ୍ଧ ହେବାକୁ ହେବ । ଜଗତର ବିଚିତ୍ର ସୌନ୍ଦର୍ଯ୍ୟରେ ଆକୃଷ୍ଟ ହୋଇ

Digitized by srujanika@gmail.com

ସ୍ଥୂଳର ତତ୍ତ୍ୱରେ ସୂକ୍ଷ୍ମର ତତ୍ତ୍ୱ ଅନୁସନ୍ଧାନ କରିବାକୁ ଯାଉଛନ୍ତି, ପୁନଶ୍ଚ କ୍ଷଣିକାମସ୍ତ ବିକାର ଭାବରେ ସତତ ଉନ୍ମତ୍ତ। ଯେପରି ପତଙ୍ଗଗଣ ଅଗ୍ନିର ଉଜ୍ଜ୍ୱଳ ଜ୍ୟୋତି ଦର୍ଶନ କରି ମୋହ ବଶତଃ ତାହା ମଧ୍ୟରେ ପ୍ରାଣ ବିସର୍ଜନ କରନ୍ତି, ସେହିପରି ରାଜନୈତିକ ଓ ତାମସିକ ବ୍ୟାପାରର ଅନୁଷ୍ଠାନରେ ଅଶାନ୍ତିର ଅସହ୍ୟ ଯାତନା ଭୋଗ କରୁଅଛନ୍ତି ।”

କମଳାକାନ୍ତଙ୍କର ଯେଉଁ ବିଷୟ ପ୍ରତି ଥରେ ଦୃଢ଼ବିଶ୍ୱାସ ହେଉ ଥିଲା ତାହା ସେ ଜୀବନରେ କୌଣସିମତରେ ଭୁଲି ପାରୁ ନ ଥିଲେ । ଏଥି ପାଇଁ ସେ ସାକାରବାଦ ସମର୍ଥନ କରି ପାରି ନାହାନ୍ତି ।

ତାଙ୍କର ଅସଂଖ୍ୟ ଉପଦେଶ ମଧ୍ୟରୁ ଗୋଟିଏ ଉପଦେଶ ଏହି ଯେ “ସମସ୍ତଙ୍କର କର୍ତ୍ତବ୍ୟ ଯେ ସଜ୍ଜନେ କ୍ଷମା ଦୁର୍ଜନେ ସଦ୍‌ଗୁଣ ଦ୍ୱାରା ରିପୁମାନଙ୍କୁ ସ୍ୱବଶରେ ରଖିବା ପାଇଁ ଚେଷ୍ଟା କରିବେ । ତାହାହେଲେ ଅସଙ୍ଗ ଆସ୍ୱାଦରୁ ନିବୃତ୍ତି ଲାଭ କରି ବିଶ୍ୱଜନୀନ ପ୍ରେମରେ ପ୍ରାଣ ଉତ୍‌ଫୁଲ୍ଲ ହେଉ ଥିବ । ଦ୍ୱେଷଦମ୍ଭ ପ୍ରବୃତ୍ତିକୁ ଦମନ କରି ଚିତ୍ତକୁ ସତ୍ୟଶୃଙ୍ଖଳରେ ବନ୍ଧନ କରିବାର ଶକ୍ତି ଜନ୍ମିବ ଏବଂ ସଜ୍ଜନରେ ବିଶ୍ୱାସ ଏବଂ ଆସନ ଦୃଢ ହେବ । ଅଳ୍ପସମୟରେହିଁ ବ୍ୟାକୁଳତା, ଦୀନତା, ସହିଷ୍ଣୁତା ଏମାନେ ଚରିତ୍ରର ଭୂଷଣ ହେବେ ଏବଂ କୁପଥ ଦର୍ଶୀର ସଂସର୍ଗ ଦୂର ହୋଇ ସତ୍ୟର ଉଜ୍ଜ୍ୱଳ ଜ୍ୟୋତି ପ୍ରାଣରେ ବିକାଶ ପାଇବ ।

ଏହିପରି କେତେ ସୁନ୍ଦର ସୁନ୍ଦର ଉପଦେଶ ତାଙ୍କର ଜୀବନୀରେ ଲିପିବଦ୍ଧ ହୋଇ ଅଛି । ଏ ଚିରକୁମାର ରହି କଠିନ ବ୍ରହ୍ମଚର୍ଯ୍ୟ ଧର୍ମ ପାଳନ କରୁଅଛନ୍ତି । ଏ ଯୋଗ ସାଧନାରେ ଏବଂ ବିଶ୍ୱ ଜନୀନ ପ୍ରେମରେ ମତ୍ତ ।

ତାଙ୍କରି ନିମ୍ନୋଦ୍ଧୃତ ଦଶଟି ଉପଦେଶ ବାକ୍ୟ ଅମ୍ଭେମାନେ ଯେପରି ଆମ୍ଭମାନଙ୍କର ଦୈନିକ ଜୀବନରେ ପ୍ରତ୍ୟେକ କାର୍ଯ୍ୟରେ

Digitized by srujanika@gmail.com

ପାଳନ କର ତଳ ପାଇଁ ସେମାନେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା । ତାଙ୍କପର ସେପରି ଅମଙ୍ଗଳକର ଈଶ୍ୱରଙ୍କଠାରେ ଗଭୀର ବିଶ୍ୱାସ ଏବଂ ଅଚଳା ଭକ୍ତି ରହେ ।

୧ । ଶତ୍ରୁଙ୍କୁ ଭଲପାଅ ବନ୍ଧୁତା ଜନ୍ମିବ ।

୨ । ନିନ୍ଦୁକଙ୍କୁ ବକ୍ଷରେ ଧାରଣ କର, ଆତ୍ମଦୃଷ୍ଟି ପ୍ରସ୍ଫୁଟିତ ହେବ ।

୩ । ଦରିଦ୍ରଙ୍କୁ ଦାନ କଲେ ଦାନଶିକ୍ଷା ହେବ ।

୪ । ଧନୀଠାରୁ ଦୂରେ ରୁହ ମାନତ ରହିବ ।

୫ । ବହୁଭାଷୀ ନିକଟରେ ନୀରବରେ ଧୈର୍ଯ୍ୟ ଧାରଣ କର ।

୬ । ଶିଶୁର କୋମଳପ୍ରାଣରେ ସରଳତା ଦେଖ ।

୭ । ନିଜକୁ ନୀଚ ଭାବିଲେ ଅହଙ୍କାର ଦୂର ହେବ ।

୮ । ପାପ ପାଇଁ ଅନୁତାପ କର ଶାନ୍ତି ପାଇବ ।

୯ । ଅଭିମାନ ପରିତ୍ୟାଗ କଲେ ଉଦାର ଭାବ ପ୍ରକାଶ ପାଏ ।

୧୦ । ଅଭେଦ ଭାବରେ ସେବା କର ପ୍ରେମର ମାହାତ୍ମ୍ୟ ବୁଝିବ ।

ସ୍ପର୍ଶମଣି ସ୍ପର୍ଶରେ କଠିନ ଲୌହ ଯେପରି ସ୍ୱର୍ଣ୍ଣରେ ପରିଣତ ହୁଏ, ସେହିପରି ସାଧୁ ସଂସର୍ଗରେ ଅସାଧୁ ମଧ୍ୟ ମଳିନ ଭାବ ପରିତ୍ୟାଗ ପୂର୍ବକ ଧାର୍ମିକ ହୋଇ ଥାଆନ୍ତି । ଆଜ କମଳାକାନ୍ତଙ୍କ ଜୀବନ ଚରିତ୍ର ଆଲୋଚନା କରି ପାଠକମାନେ ପବିତ୍ର ଏବଂ ଧନ୍ୟ ହେଲୁଁ ।

ଉପନ୍ୟାସର ଏକପୃଷ୍ଠା ।

ଏକଦା କୌଣସି ଜନପଦରେ ଏକ ଧନିକ ବ୍ୟକ୍ତି ବାସ କରୁ ଥିଲେ । ତାଙ୍କର ଦୁଇ ପୁଅ ଏବଂ ତିନୋଟି ଦୁହିତା ଥିଲେ । ସେମାନଙ୍କର ନାମ ଯଥାକ୍ରମରେ ଅଜୀନ, ବୃଷକେତୁ; ଲଳିତା, କାଦମ୍ବିନୀ ଏବଂ ବ୍ରଜେଶ୍ୱରୀ । ପୁତ୍ରମାନେ ଧାର୍ମିକ, ସତ୍ସ୍ୱଭାବସମ୍ପନ୍ନ, ପ୍ରଖରବୁଦ୍ଧି ଏବଂ ସୁବିଦ୍ୱାନ୍ ଥିଲେ ; ଏବଂ କନ୍ୟାଗଣ ରୂପଲାବଣ୍ୟ-ବତୀ, ବିନମ୍ରା ଏବଂ ସର୍ବଗୁଣାଳଂକୃତା ଥିଲେ । ତନ୍ମଧ୍ୟରୁ ଅଜୀନ୍

Digitized by srujanika@gmail.com

ସଚ୍ଚରିତ୍ର, ନିର୍ଭୀକ ଏବଂ ଆତ୍ମନିର୍ଭରଶୀଳ ଥିଲେ ଏବଂ ବୃଦ୍ଧକେଳୁ ସୁବିଦ୍ୱାନ୍ ଏବଂ ସୁଖାଭିଳାଷୀ ଥିଲେ । ନିଯୁକ୍ତିର ନିୟମରେ ପୂର୍ବକଥିତ ଧନିକ ବ୍ୟକ୍ତିଙ୍କର ଇହଲୀଳା ସାଙ୍ଗ ହେଲା ଏବଂ ତତ୍ପତ୍ନୀ ସାଧ୍ୱୀ ଦେବୀ ବୈଧବ୍ୟବ୍ରତଧାରିଣୀ ହୋଇ ବୈଦୂର୍ଯ୍ୟ ସୁଶୋଭିତ ହିରଣ୍ମୟ କରବଳୟ ଉନ୍ମୋଚନ କଲେ ଏବଂ ହବିଷ୍ୟାନ୍ନ ଏବଂ କୁଶାସନରେ ଅବଶିଷ୍ଟ ଜୀବନ ଅତିବାହିତ କଲେ । କାଳକ୍ରମରେ ଜ୍ୟେଷ୍ଠ ଅଜୀତ୍, ପରିଣତ ବୟସରେ ଉପନୀତ ହେଲେ । ଏବଂ ଯଥାସମୟରେ ତାଙ୍କର ବେଲା ନାମ୍ନୀ ଗୋଟିଏ ସରଳା ଅବଳା ସହିତରେ ଉଦ୍ୱାହକ୍ରିୟା ସମ୍ପନ୍ନ ହେଲା । ଅଜୀତ୍, ବିଶ୍ୱବିଦ୍ୟାଳୟର ବି: ଏସ୍: ସି; ଉପାଧି ଗ୍ରହଣ କରି ବାଲକମେସ୍ତ୍ରିଶ୍ରୀ କାର୍ଯ୍ୟ ଶିକ୍ଷା ସକାଶ ରୁର୍କୀ ଇଂଜିନିୟରିଂ କଲେଜରେ ପ୍ରବିଷ୍ଟ ହେଲେ । ଏକମନରେ, ଏକ ଧ୍ୟାନରେ, ସେ ଅଧ୍ୟୟନ କାର୍ଯ୍ୟରେ ସର୍ବଦା ବ୍ୟାପୃତ, ଏଣେ ବେଲା ଏକାକିନୀ ସାଧ୍ୱୀ ଦେବୀଙ୍କର ସେବାରେ ରତା । ଅନେକୁ ବେଲା ୩ ବର୍ଷ ହେଲା ପତି ମୁଖ ଦର୍ଶନ ସୁଖରୁ ବଞ୍ଚିତା ହୋଇ ରହି ଅଛନ୍ତି, ସେଥିନିମିତ୍ତ ହଠାତ୍ ଅଦ୍ୟ ତାଙ୍କର ଦୟା ଏବଂ ସ୍ନେହକୋମଳ ହୃଦୟ ଅଧୀର ହୋଇ ଉଠିଲା । ସନ୍ଧ୍ୟା ସମୟ ପ୍ରତୀଚୀଦିଗରେ ସାୟଂ ସୂର୍ଯ୍ୟର ଅରୁଣ-କିରଣ-ଛଟା ଦେଖି ଏକ ଅପରୂପ ଭାବ ମନୋମଧ୍ୟରେ ଜାଗରିତ ହୋଇଅଛି, ଏଣେ ମଳୟ ପବନର ମୃଦୁଳ ହିଲ୍ଲୋଳ ଲବଙ୍ଗଲତାର ଶାଖାଙ୍କୁ ଧୀରେ ଧୀରେ ସ୍ପର୍ଶ କରି ବେଲାର ବିମ୍ବାଧର ଏବଂ ଭ୍ରମରକୃଷ୍ଣ ଭ୍ରୂ ଚୁମ୍ବନ କରି ବହି ଯାଉଅଛି । ଏପ୍ରକାର ସମୟରେ ସାପ୍ତାହିକ ଚଖିଲା ବେଲା ପତିଦେବ ପୂର୍ବର ଲିପିମାନ ବାହାର କରି ପାଠ କରିବାକୁ ଲାଗିଲେ ।

ଅହା ! କେଡ଼େ ଶାନ୍ତି ! ଦଗ୍ଧ ହୃଦୟରେ ଶୁଷ୍କ ହୃଦୟରେ ଅମୃତର ଧାରା ବର୍ଷିତ ହେଲା ପରି ଜଣା ଗଲା । ଗୋଟିଏ ପତ୍ରରେ ଏହିପରି ଲେଖା ଥିଲା ;—

Digitized by srujanika@gmail.com

ସ୍ନେହର ବେଲା ମୋର,

ନିବିଷ୍ଟ ଚିତ୍ତରେ ବ୍ରହ୍ମଚର୍ଯ୍ୟାରେ ନିଯୁକ୍ତ; ତୁମର ଏବଂ ସ୍ନେହମୟୀ ଜନନୀ ଏବଂ କନୀୟାନ୍ ଭ୍ରାତାମାନଙ୍କର ମଙ୍ଗଳାମଙ୍ଗଳ ଚିନ୍ତା କରିବାରେ ଲେଶ ମାତ୍ର ଅବକାଶ ନାହିଁ । ଏ ସଂସାର ରଙ୍ଗ ଭୂମିରେ ଅର୍ଥ ଗୋଟିଏ ପ୍ରଧାନ ସମ୍ବଳ ଏବଂ ଏଥିନିମନ୍ତେ ମୁଁ ବର୍ତ୍ତମାନ ଏହି କଠୋର ବ୍ରତରେ ନିଯୁକ୍ତ ହୋଇ ରହିଅଛି । ଅତଏବ, ବେଲା, ଅନ୍ୟ କିଛି ଭାବନା ନ କରି ଜନନୀଙ୍କର ଚରଣ ସେବାରେ ଏକାନ୍ତରେ ନିଯୁକ୍ତ ଥାଅ । ଜାଣେ ନା, ପରମ ପିତା ଭଗବାନ୍ ଅମ୍ଭମାନଙ୍କୁ କେବେ ସୁଖ ସାଗରରେ ବୁଡ଼ିବାକୁ ଇଚ୍ଛା କରିବେ । ସମୟାଭାବ ଯୋଗୁଁ ଦୀର୍ଘ ପତ୍ର ଲେଖି ହୃଦୟର ଗଭୀର ଉଚ୍ଛ୍ୱାସ ଅବଗତ କରାଇବାରେ ଅପାରଗ ହେଲି । ମୋର ସ୍ନେହ ଏବଂ ଶୁଭାଶୀର୍ବାଦ ଜାଣିବ । ଇତି ।

ତୁମର ପ୍ରଣୟାବଦ୍ଧ
ଅଜ୍ଜ ।

ବେଲାର ଚଞ୍ଚଳ ପ୍ରାଣ ସ୍ଥିରତା ପ୍ରାପ୍ତ ହେଲା । ସେବାର୍ଯ୍ୟାନ୍ତର ବ୍ୟପଦେଶରେ ଗୃହାନ୍ତରକୁ ପ୍ରସ୍ଥାନ କଲେ ।

ଭକ୍ତି ।

ଭକ୍ତି ମନୁଷ୍ୟର ଗୋଟିଏ ସ୍ୱାଭାବିକ ଗୁଣ । ଜଣକୁ ଦେଖିଲି, କିୟତ୍କାଳ କଥୋପକଥନ କଲି, ତାଙ୍କ ମୁଖରୁ ଅମୃତ ଝରିତ ହେଲା ପରି ବୋଧ ହେଲା, ମୁଁ ତାଙ୍କୁ ଭକ୍ତି ଚକ୍ଷୁରେ ଦେଖିଲି, ଭକ୍ତିବିନମ୍ର ଚିତ୍ତରେ ପ୍ରଣତ ହେଲି, ସେ ଅଶୀର୍ବାଦର ରାଶି ମୋ ଉପରେ ଢାଳିଦେଲେ ।

ଭକ୍ତିର ଗୋଟିଏ ଲକ୍ଷଣ ଏହି ଯେ ଯେଉଁ ବ୍ୟକ୍ତିର ଯାହାଠାରେ ଭକ୍ତି ଅଛି ସେ ତାହାର ନିନ୍ଦା କିମ୍ବା ତତ୍କୃତ ହୀନତା ପ୍ରଭୃତି ଦୋଷ

Digitized by srujanika@gmail.com

ଶୁଣି ପାରେ ନା ; ଶୁଣିଲେ ତାହାର ଅନ୍ତର ବାଧ ଉଠେ, ସେ ଅତି କ୍ଷୁବ୍ଧ ହୁଏ। ମୁଁ ଯାହାଙ୍କୁ ଭକ୍ତି କରେଁ ସେ ମୋର ଆରାଧ୍ୟ ଦେବତା । ସେ ମୋର ଏକମାତ୍ର ହୃଦୟାନନ୍ଦ, ଇହସଂସାରେ ଏବ ପରସଂସାରେ ସେ ମୋର ଜୀବନପଥପ୍ରଦର୍ଶକ,—ମୋର ଜ୍ୟୋତି ସେ ।

ଯାହାଙ୍କୁ ମୁଁ ଭକ୍ତି କରେଁ ତାଙ୍କ ଠାରେ ମୁଁ ଶାନ୍ତ, ଶିଷ୍ଟ ଏବ ସରଳ; ଅତ୍, ସେ ମୋ ଠାରେ ପବିତ୍ର, ଉଜ୍ଜ୍ୱଳ ଏବ ଦେବମୟ । ସେ ମୋଠାରୁ ଅନେକ ଉଚ୍ଚରେ, ମୁଁ ଅନେକ ନିମ୍ନରେ; କିନ୍ତୁ ତଥାପି ସେ ମୋର ଗମ୍ୟ । ସେ ମୋର ସଖା; ସଖାସମ ଦୁହେଁ ଆନନ୍ଦରେ ଏକମନରେ ଅହାର ଭ୍ରମଣ ଏବ ବାକ୍ୟାଲାପ କରୁଁ । ପୁଣି ସେ ମୋର ପିତୃସମ; ଏପରି କି ସ୍ୱପିତୃଠାରୁ ମଧ୍ୟ ଅଧିକତର ସ୍ନେହ ଚକ୍ଷୁରେ ମୋତେ ଦେଖନ୍ତି । ଏହି ତ ସଂସାର । ଏହି ତ ମଧୁମୟ ଗେହ ! ନୋହିଲେ ସଂସାର ମରୁ; ଗୃହ ଶ୍ମଶାନ ।

ମୃତ୍ୟୁ ଶଯ୍ୟା-ପାର୍ଶ୍ୱରେ ବସିଅଛି । କିଛି ଭୟ ନାହିଁ; ଆନନ୍ଦ ମନରେ ଏ ସଂସାର ପରିତ୍ୟାଗ କରିବି; କିନ୍ତୁ, ମୁଁ ମରି ପାରୁ ନାହିଁ କାରଣ ମୋର ଭକ୍ତିଯୋଗ୍ୟ ସଖା ଏବ ଦେବଙ୍କ ସହିତରେ ବର୍ତ୍ତମାନ ସୁଦ୍ଧା ଦେଖା ହୋଇନାହିଁ । ଏହି ଅଦୂରେ ଦେବତା ଆସୁ-ଅଛନ୍ତି ; ମୋର ହୃଦୟ ନାଚି ଉଠିଲା । ଦେବତା ଆସିଲେ, ମୁଁ ତାଙ୍କ ପଦ୍ମରେ ନମିଲି । ଆଶୀର୍ବାଦ କଲେ; ମୁଁ ଆନନ୍ଦମନରେ ଶ୍ରୀହରି ଶ୍ରୀହରି କହି ସ୍ୱର୍ଗପୁରୀକୁ ଯାତ୍ରା କଲି । ମୋର ଅପାର, ଅଗାଧ ଆନନ୍ଦ ଭାବ ଦେଖିବ କିଏ ।

ଗୋଟିଏ କଥା ।

ଯାଉ ଇଷ୍ଟାବ୍ଲେ,—ଏ ହିନ୍ଦୁଜାତିର ଧ୍ୱଂସ ହେଉ । କେ ବୁଝେ ଏହି ବିଂଶଶତାବ୍ଦୀରେ ଘୋର ଜାତି-ବିଦ୍ୱେଷୀ ହିନ୍ଦୁଙ୍କ ଜୀବନ ?

Digitized by srujanika@gmail.com

ଧିକ୍‌ରେ ହିନ୍ଦୁ ଜାତି । ତୁ ତୋର ନିଜର କଣ୍ଟକ । ମନୁଷ୍ୟ ହୃଦୟର ସ୍ୱାଭାବିକ ପ୍ରେମ ଏବଂ ସ୍ନେହର ଉତ୍ସ ଖଣ୍ଡନ କରୁଛୁ, ତୋର ଜାତି ଭେଦର କଠୋର ନିୟମ । ମୋର ହୃଦୟ ଯାହାର ପଦତଳେ ଆଜି ମୁ ଏହି ମୁହୂର୍ତ୍ତରେ ଅଜାଡି ଦେବାକୁ ବସିଅଛି, ସେ ମୋଠାରୁ ଉଚ୍ଚତର ଜାତିର ଅନ୍ତର୍ଗତ ବୋଲି ମୋର ପ୍ରାଣର ଉଚ୍ଛ୍ୱାସ ଗ୍ରହଣ କରି ପାରୁ ନାହିଁ; ଯଦିବା ପାରୁଅଛି, ତାହାହେଲେ ସେ ତାହାର ମନପ୍ରାଣର ଭେଦ ମୋ ହୃଦୟରେ ଖେଳାଇ ପାରୁ ନାହିଁ । ଜାତିର ନାମରେ କେତେ ଅନ୍ୟାୟ ଅତ୍ୟାଚାର ହିଂସା ଏବଂ ମନୁଷ୍ୟକୁ ଅନାଦର, କରୁଅଛନ୍ତି ତାହାର ସୀମା ନାହିଁ । ମୋର କଣ୍ଠ ଦେଶରେ ମାଳ ନାହିଁ, ମୋ ହସ୍ତରୁ ଜଳ ଗ୍ରହଣ କେହି କରିବେ ନାହିଁ; ମୁ ସେଥି ଯୋଗୁଁ ଅତି ତୁଚ୍ଛ, ନରାଧମ, ନୀଚ, ମନୁଷ୍ୟପଦବାଚ୍ୟହୀନ । ମୁ ଲୁଗା ପିନ୍ଧି ପୁଷ୍ପୋତ୍ସର୍ଗ କରେଁ ସେଥି ନିମିତ୍ତ ମୋର ଶୁଦ୍ଧାଚାର କିଛି ନାହିଁ, ମୁଁ ମହାପାପୀ, ମହାତୁଚ୍ଛ, ଜାତି ଯିବାର ମନୁଷ୍ୟଟାଏ । ମନୁଷ୍ୟ ହୁଣ୍ଡୁଅଛୁ ବ୍ରାହ୍ମଣ ହୁଣ୍ଡୁଅଛୁ ସେ ସମସ୍ତେ ଈଶ୍ୱରଙ୍କ ଚକ୍ଷୁରେ ସମାନ, ସମସ୍ତଙ୍କର ପ୍ରାଣ ଅଛି, ବେଦନା ଅଛି, ସହାନୁଭୂତି ଅଛି, ମନ ମିଳିଲେ, ଆତ୍ମାର ଆତ୍ମା ସହିତ ଯୋଗ ଏବଂ ଭାଷାନୁଭାଷଣ ହେଲେ, ଜାତି ଭୁଲି ଯିବାକୁ ହୁଏ । ଆଉ ସେତେବେଳେହିଁ ପ୍ରକୃତ ମନୁଷ୍ୟତ୍ୱର ପରିଚୟ ମିଳେ, ବିକାଶ ହୁଏ । ଭ୍ରାନ୍ତ ମାନବଁ ! ଭ୍ରାନ୍ତ ହିନ୍ଦୁ ଜାତି ! ବାହାରର ବିଷୟ ଘେନି କାହିଁକି ଏତେ ତତ୍ପର ହୋଇ ରହିଅଛୁ ? ଯାହା ଅନ୍ତରର, ଯାହା ପ୍ରାଣର, ଆତ୍ମାର, ଯାହା ସତ୍ୟ ଶିବସୁନ୍ଦର ଘେନି, ଯାହା ଶୁଦ୍ଧି ପବିତ୍ରତା ଘେନି,—ସେ ସବୁ ଭୁଲି ଯାଇଁ ଆମ୍ଭେମାନେ ବାହାରର ଜାତି ଘେନି ଉଚ୍ଚ ନୀଚ ମାପୁଅଛୁଁ । ରେ, ମନୁଷ୍ୟ ! ତୁହି ବାହାରର ଜୀବ ? ତୁ ଯେ ଅନ୍ତରରେ ଥାଉ, ଅନ୍ତରରେ ତୋର ବାସ ଏବଂ ବିହାର; ତୁ ବାହ୍ୟ ବିଷୟରେ କେବେ ଭୁଲି ରହୁ କାହିଁକି ? ଯାହା ପ୍ରକୃତ ସୁନ୍ଦର, ମନୋରମ, ତାହା ଚିରକାଳ

Digitized by srujanika@gmail.com

ପ୍ରାଣକୁ ସ୍ପର୍ଶ କରୁଥିବ; ଯାହା ଅନ୍ତରର, ତାହା ଚିରକାଳ ଅନ୍ତର୍ମୁଖୀ ହୋଇ ରହିବ । ବାହାରର ଭେଦାଭେଦ, ବାହାରର ଶୃଙ୍ଖଳ, ବାହାରର ଯା କିଛି, ସମସ୍ତ ଦୂରେ ପକାଇ ଦେଇ, ଛିନ୍ନଭିନ୍ନ କରି, ମନୁଷ୍ୟ ଚିରକାଳ ମନୁଷ୍ୟକୁ ଭଲ ପାଇବ । ଜାତି ଭେଦ ରହିବ— ଚିରକାଳ ରହିବ ! କିନ୍ତୁ ବ୍ରାହ୍ମଣ ବୈଶ୍ୟ ଶୂଦ୍ର ଏ ଆଖ୍ୟା ରହିବ ନାହିଁ । ସୁନ୍ଦର କୁତ୍ସିତ୍, ଏହି ଦୁଇନାମ ଏକ ସମୟରେ ବ୍ରାହ୍ମଣ, ବୈଶ୍ୟ ଏମାନଙ୍କର ପରିବର୍ତ୍ତରେ ବ୍ୟବହୃତ ହେବ । ସେତେବେଳେ ଯେ ସୁନ୍ଦର ସେ ସୁନ୍ଦର ସହିତରେ ଆହାର ବିହାର କରିବାକୁ ଟିକେ ଦ୍ୱିଧା ଶଙ୍କା କିମ୍ବା ସଙ୍କୋଚ ବୋଧ କରିବ ନାହିଁ । ସେତେବେଳେ କୁତ୍ସିତ୍ ମଧ କୁତ୍ସିତ୍ ସହିତରେ ମିଶି କୁ-ବ୍ୟବହାର କରି ନାନା ଅନ୍ୟାୟ କରୁଥିବ ଯାହାକି ବର୍ତ୍ତମାନ ସମାଜରେ ଦେଖା ଯାଉଅଛି, ଏବଂ ଅତୀତରେ ଦେଖା ଯାଇଥିଲା, ଏବଂ ଚିରକାଳ ଦେଖା ଯାଉଥିବ ।

ଅନ୍ନପୂର୍ଣ୍ଣା ।

ଅନ୍ନପୂର୍ଣ୍ଣାଙ୍କ ସହିତରେ ପରିଚିତ ହେବାର ମୋର ପ୍ରଥମ ଇଚ୍ଛା ତାଙ୍କର "ମାତା" ସମ୍ବନ୍ଧରେ ଗଦ୍ୟରେ ଗୋଟିଏ, ଆଉ, ପଦ୍ୟରେ ଗୋଟିଏ, ପ୍ରବନ୍ଧ ପାଠ କରି ଜାଗରିତ ହୋଇଥିଲା । ସେ ଅଜକୁ ପ୍ରାୟ ୧ବର୍ଷର କଥା । ପାଠ କଲି, ହୃଦୟରେ ଗୋଟିଏ ସ୍ପନ୍ଦନର ଢେଉ ଉଠିଲା, ଗୋଟିଏ ଅବ୍ୟକ୍ତ ସ୍ନେହସୁଖାନୁଭବ ହେଲା, ମୁଁ ସ୍ଥିର ହୋଇ ରହି ପାରିଲି ନାହିଁ, ଅସ୍ଥିର ହୋଇ ତାଙ୍କ ସହିତରେ ପରିଚିତ ହେବା, ସେହି ଅମ୍ମା ସହିତରେ ବାକ୍ୟାଳାପ କରିବା ନିମିତ୍ତ ଶ୍ରୀଯୁକ୍ତ ଲାଲା ପ୍ରତାପ ନାରାୟଣଙ୍କୁ ଅନୁରୋଧ କଲି; କାରଣ ଏଥି ପୂର୍ବରୁ ପ୍ରତାପ ବାବୁଙ୍କ ସହିତ ତାଙ୍କର ଲେଖା ଲେଖି ଦ୍ୱାରା ଚିଠିପତ୍ର ଦ୍ୱାରା କିଞ୍ଚିତ୍ ଆଳାପ ହୋଇ ଯାଇ ଥିଲା । ପ୍ରତାପବାବୁ ଏଥିରେ ସମ୍ମତ ହେଲେ । ପ୍ରଥମରେ ଗୋଟିଏ ଚିଠି ଲେଖିଲେ । ସେଥିରେ ମୋର

ନାମ ଉଲ୍ଲେଖ କରିଥିଲେ କି ନା, ମୋତେ ଜଣା ନାହିଁ । କିନ୍ତୁ ଯାହା ହେଉ ସେ ପତ୍ରର ଉତ୍ତର ଯେତେବେଳେ ଅପି ପ୍ରତାପବାବୁଙ୍କ ପାଖରେ ପହଞ୍ଚିଲା ସେତେବେଳେ ମୋର ଉଦ୍ବେଗର ଆଉ ସୀମା ରହିଲା ନାହିଁ । ଅନ୍ନପୂର୍ଣ୍ଣା କି ପ୍ରତ୍ୟୁତ୍ତର ଦେଇ ଅଛନ୍ତି, ତାଙ୍କର ପ୍ରାଣର ଭାଷା କଅଣ, ଏହା ଜାଣିବା ପାଇଁ ମୁଁ ଯେପରି ସେ ସମୟରେ ବ୍ୟସ୍ତ ହୋଇ ଥିଲି ତାହା ଦେଖିଲେ ଆପଣମାନେ ମୋତେ ଉନ୍ମତ୍ତ ଶିପ୍ର ପ୍ରେମିକ ବୋଲି ମନେ କରନ୍ତେ । ଯାହା ହେଉ ମୋର ସେ ଅବସ୍ଥା ଆପଣମାନେ ଦେଖି ନାହାନ୍ତି—ମୋର ଭାଗ୍ୟ ।

ଚିଠିରେ କଅଣ ଥିଲା ତାହା ମୋର ମନରେ ନାହିଁ--ସେଥିପାଇଁ ମୁଁ ନିଜେ ଦୁଃଖିତ । କିନ୍ତୁ ଚିଠି ଭିତରେ କେତେ ଗୁଡ଼ିଏ ଅନ୍ନପୂର୍ଣ୍ଣାଙ୍କର Photo ଥିଲା ଏ କଥା ବେଶ ସ୍ମରଣ ଅଛି । ସେ Photo ରୁ ବସ୍ତୁତ ଭାବରେ ତାଙ୍କର ଗୁଣ ଦେଖି ପାରିଲି ନାହିଁ । କାରଣ ମୋର ସେ ଷମତା ନାହିଁ, ତେବେ ସେ ଚିଠିପତ୍ର ମୋତେ ଏତକ ଆଭାସ ଦେଇଥିଲା ଯେ ଅନ୍ନପୂର୍ଣ୍ଣା ଭାବୁକା ଏବଂ ତାଙ୍କର ହୃଦୟରେ କପଟତା ନାହିଁ ।

ତାର କିଛୁଦିନ ପରେ, ମୋର ଇନ୍‌ଟାରମିଡିଏଟ୍ ପରୀକ୍ଷା ଦେଇ ମୋର କୋଣାର୍କ ଦର୍ଶନକୁ ଯିବାର କିଛୁଦିନ ପୂର୍ବେ, ମୁଁ ଖଣ୍ଡିଏ କାର୍ଡରେ ଅତି ପ୍ରଯତ୍ନରେ ଦୁଇ ଶ୍ରେଷ୍ଠ ଶବ୍ଦ ସାଧୁ ପଦ ସଂଗ୍ରହ କରି ଗୋଟିଏ ଚିଠିମାଳା ଗୁନ୍ଥିଲି । ମନେ ଏହି ଘୋଷଣା ଅତି ଆଦରରେ ପୋଷଣ କରିଥିଲି ଯେ ପ୍ରତ୍ୟୁପହାର ପାଇବି । କିନ୍ତୁ ବିଧିର ବିଡ଼ମ୍ବନା ସେ । ପତ୍ରଟି—ସେହି ପ୍ରଥମ ପତ୍ରର ଉତ୍ତର ଟିମା ପାଖରେ ପହଞ୍ଚିଲା ନାହିଁ । ଯାହାହେଉ ସେଥିପାଇଁ ମୁଁ ବେଶୀ ଦୁଃଖିତ ହେଲି ନାହିଁ, କାରଣ ସେତେବେଳେ ଏହିପରି ଭାବରେ ମନକୁ ପ୍ରବୋଧ ଦେଲି ଯେ "ସେଂବଣ୍ଟ ଘାଉ ମୁଁ କଏ ? ରାଣୀ ଅଉ କାଣୀ" ।

Digitized by srujanika@gmail.com

କାଲସ୍ରୋତ ଏହିପରି ଭାବରେ କିଛୁଦିନ ବହିଗଲା-କିଛୁଦିନ କାହିଁକି କେତେମାସ ଚାଲିଗଲା-ପ୍ରାୟ ୮ ମାସ । ମୁଁ ଯେତେବେଳେ ଶିବପୁରସ୍ଥ Engineering college ରେ, ସେହି ଭାବହୀନ ରସହୀନ ଅସ୍ୱର୍ଗୀୟ Engineering କଲେଜରେ । ସେତେ-ବେଳେ ମୋର ମାନସିକ ଅବସ୍ଥା ଏପରି ଚଞ୍ଚଳ ଯେ ଆଉ କହି ନ ଯାଏ । ସେହି ସମୟରେ ତାଙ୍କୁ ଏହି ମର୍ମରେ ଗୋଟିଏ ପତ୍ର ଲେଖିଲି "ଭଗିନି ! ଆଜକୁ କେତେମାସ ହୋଇଗଲା ତୁମକୁ ଖଣ୍ଡିଏ ପତ୍ର ଲେଖିଥିଲି, କିନ୍ତୁ, ମୋର ମନ୍ଦଭାଗ୍ୟ ଯୋଗୁଁ ସେ ପତ୍ରର କୌଣସି ଉତ୍ତର ପାଇ ନାହିଁ । ଆଶାକରେଁ, ଦୟା କରି ଏ ପତ୍ର ଖଣ୍ଡିକର ଉତ୍ତର ଦେଇ ସୁଖୀ କରାଇବ ।" ଯଥା ସମୟରେ ଏ ପତ୍ରର ଉତ୍ତର ପାଇଲି, ମନଟା ସ୍ଥିର ହେଲା । ଗୋଟିଏ ସୁଖକର ଜଡ଼ତା ପ୍ରାଣରାଜ୍ୟକୁ ଅଧିକାର କରି ବସିଲା । ଏଥି ଉତ୍ତାରୁ ଆମଦୁହିଁଙ୍କ ମଧ୍ୟରେ ବେଶ୍ ଚିଠି ଲେଖା ଲେଖି ହୁଏ । ଆମର Engineering college ର Sweet long vacation ନିକଟ ହୋଇଥିଲା । ପ୍ରତ୍ୟେକ ଦିନ ସକାଳୁ ଉଠି ଦେଖେଁ ଯେ ଲେଖାଅଛି "For sweet long vacation" ଆଉ ତାହା ତଳକୁ ଗୋଟିଏ ଧାଡ଼ିରେ "—days more" । ଅପୂର୍ଣ୍ଣ ସ୍ଥାନରେ ସେହି ଗଳତ ଦିନର ତାରିଖଟି ଲେଖା ଥାଏ । ଦିନେ ଦେଖିଲି ଲେଖାଅଛି "twenty days more" ମୋର ମନଟା ଅଥୟ ହେଲା । ତାର ପରଦିନ ଉଠି Board ପାଖକୁ ଯିବା ଆଗରୁ ଭାବିଲି, ଅବଶ୍ୟ, ଆଜି ଲେଖା ହୋଇଥିବ "two days more" । କିନ୍ତୁ ହା ! ସମୟ ତାହା କରି ନାହିଁ । ସେ କି ଆମମାନଙ୍କର ଚଞ୍ଚଳିତା ଭୃତ୍ୟେ ? ତାହାର କି ପ୍ରାଣ ଅଛି ? ସେ କି କାହାର ପାଇଁ ଅପେକ୍ଷା କରେ, ନା, କାହାର କଥା ଶୁଣେ ? ଯାହାହେଉ ଧୀରେ ଧୀରେ ଏହି ଦିନ

Digitized by srujanika@gmail.com

ପଡ଼ି ଆସିଲା । କାଲି କଲେଜର long vacation—sweet long vacation ଆରମ୍ଭ ହେବ । ମୁଁ ଭାବିଲି ଏହି ଦୀର୍ଘାବକାଶରେ ଅନ୍ନପୂର୍ଣ୍ଣାଙ୍କୁ ସଶରୀରରେ ଦେଖିବି । ଏହି ମଧ୍ୟରେ ବନ୍ଧୁଦନ ପୂର୍ବରୁ ତାଙ୍କୁ ଖଣ୍ଡିଏ ଚିଠି ଲେଖିଥିଲି । ସେ ଚିଠି ପାଇ ଅନ୍ନପୂର୍ଣ୍ଣା ସୁଖିନୀ ହୋଇଥିଲେ, ବୋଧହୁଏ । କିନ୍ତୁ ସେ ସୁଖ ସେ ଅବାଧିତରୂପେ ଅନୁଭୋଗ କରି ପାରିଲେ ନାହିଁ । ତାହାର କାରଣ ମୋର ତାଙ୍କୁ ଶେଷ ଚିଠିର ଉତ୍ତର ନ ଦେବା । ଏଥିପାଇଁ ତାଙ୍କୁ କରଯୋଡ଼ି କ୍ଷମାପ୍ରାର୍ଥନା କରୁଅଛି ।

ଯାହାହେଉ, ପରିଶେଷରେ ମୁଁ ଅନ୍ନପୂର୍ଣ୍ଣାଙ୍କ ଘରକୁ ଆସିଲି । ଯେତେବେଳେ ଗାଡ଼ିଓ୍ୱାନ୍ ତାଙ୍କ ଘର ସମ୍ମୁଖରେ ଗାଡ଼ି ଛାଡ଼ିଲା ସେତେବେଳେ ମୋର ମନରେ ଏକାବେଳକେ ସୁଖ, ଭୟ, ଯନ୍ତ୍ରଣା ଭକ୍ତି ଆଦି ଭାବନାର, ଉଦୟ ହୋଇ ମନକୁ ଉପରି କରି ପକାଇଲା ! ସୁଖ କାହିଁକି ? ଅନ୍ନପୂର୍ଣ୍ଣାଙ୍କୁ ଦେଖିବି, ଯାହାଙ୍କୁ ଦେଖିବା ପାଇଁ ମୁଁ ଏତେ ଉନ୍ମତ୍ତ ହୋଇଥିଲି । ଭୟ ? ସେ ହିନ୍ଦୁକୁଳରମଣୀ; ବୋଧ ହୁଏ, ମୋ ଆଗରେ ଉଭା ହେବେ ନାହିଁ । ଯନ୍ତ୍ରଣା ? ଯଦି ସେ ଦେଖା ନ ଦିଅନ୍ତି, ତାହାହେଲେ ଏତେ କ୍ଲେଶ ସ୍ୱୀକାର କରି ଆସିବାର ମୋର ଫଳ କଅଣ ? ଭକ୍ତି ? ହୃଦୟର ଉଦ୍ବେଗ ମନର ପ୍ରବଳୋଚ୍ଛ୍ୱାସ । ମୋ ପାଖରେ ଯାହା କିଛି ଶକ୍ତି ଅଛି ତାଙ୍କର ପାଦପଦ୍ମରେ ଅଞ୍ଜଳି ଦେଇ ପାରିବି କି ନା ଏହି ନିମିତ୍ତ ଭାବନା ।

ଗୃହର ବହିଃପ୍ରାଚୀର ଅତିକ୍ରମ କରି ଯେତେବେଳେ ପିଣ୍ଡାରେ ଉପସ୍ଥିତ ହେଲି, ଦେଖିଲି ଗୋଟିଏ ବୃଦ୍ଧା । ଦେଖି, ଟିକିଏ ଭୟ ହେଲା । ପଚାରିଲି, (ଭୟବିଜଡ଼ିତକଣ୍ଠରେ), "ଏ-ମା, ଏଠାରେ ଅନ୍ନପୂର୍ଣ୍ଣା ଥାଆନ୍ତି ?" ବୃଦ୍ଧା ଉତ୍ତର ଦେଲେ "ହଁ, କାହିଁକି ?" ଧୀରସ୍ୱରେ କହିଲି, "ମୁଁ ତାଙ୍କୁ ଦେଖିବା ପାଇଁ ଆସିଅଛି" । ବୃଦ୍ଧା ରାଗ

Digitized by srujanika@gmail.com

ଭିତରକୁ ଯାଇ "ଅରେ ଶାମ୍ବପ" ବୋଲି ଡାକି ମୋ ବିଷୟ ଜଣାଇବାରୁ ସେ ଘରୁ ବାହାର ଆସି, ମୁଁ ପ୍ରଣାମ କି ନମସ୍କାର କରିବା ପୂର୍ବରୁ, ସେ ମୋତେ ନମସ୍କାର କଲେ । ମୁଁ ଭାବିବାକୁ ସମୟ ନପାଇ ତାଙ୍କୁ ମଧ୍ୟ ନମସ୍କାର କଲି । ବାହାରରେ ବସି କିଛିକ୍ଷଣ କଥାବାର୍ତ୍ତା ହେବା ପରେ ଘରଭିତରକୁ ଗଲି । ସେଠାରେ ଦେଖିଲି ନୟନମନ ସୁଖକର ଭଗିନୀ ଅନ୍ନପୂର୍ଣ୍ଣା ଏକପାର୍ଶ୍ୱରେ ବିନୀତ ଭାବରେ ଦଣ୍ଡାୟମାନା । ମୁଁ ତାଙ୍କୁ ପ୍ରଣାମ କଲି । ଆଶୀର୍ବାଦ ତାହାର ପୁରସ୍କାର ସ୍ୱରୂପ ପାଇଲି । ମାତା-ଅନ୍ନପୂର୍ଣ୍ଣା ତୃଷା ଏବଂ କ୍ଷୁଧା ନିବାରଣ ସକାଶେ ସଙ୍ଗେ୨ କିଛି Coffee ଆଣି ସେଠାରେ ରଖିଥିଲେ । ଖାଇବାକୁ ଅନୁରୋଧ କରିବା ପର୍ଯ୍ୟନ୍ତ ମୁଁ ଅପେକ୍ଷା କରି ନ ଥାଆନ୍ତି, କିନ୍ତୁ କାଳବିଳମ୍ବ ନ କରି ସେ ଆଗରୁ ଅନୁରୋଧ କରିଥିଲେ । ଦେବୀ-ଅନ୍ନପୂର୍ଣ୍ଣା ଧୀରେ ଚାଲିଗଲେ । ଏହିପରି ମୁଁ ଅନ୍ନପୂର୍ଣ୍ଣାଙ୍କୁ ଦେଖିଲି ।

ଗୋଟିଏ କଥା ଭୁଲି ଯାଇଥିଲି । ଅନ୍ନପୂର୍ଣ୍ଣାଙ୍କୁ ଦେଖିବା ପୂର୍ବରୁ ଅନ୍ନପୂର୍ଣ୍ଣାଙ୍କର ପତି ଦେବତାଙ୍କୁ ଦେଖିଥିଲି, କନ୍ୟା ରତ୍ନଟି ଦେଖିଥିଲି, ବୃଦ୍ଧା ଶାଶୁଙ୍କୁ ଦେଖିଥିଲି, କନିଷ୍ଠ ଦିଅରଙ୍କୁ ଦେଖିଥିଲି, ତଥାପି ସୁଖ ଲଭି ନ ଥିଲି । ସୁଖ କିପରି ଅବା ଲଭିବି ? ସେମାନେ ମୋର କିଏ ? ଅନ୍ନପୂର୍ଣ୍ଣାଙ୍କର ସେମାନେ ସମସ୍ତେ ଇଷ୍ଟଦେବତା ହୋଇପାରନ୍ତି ; କିନ୍ତୁ ମୋର ଇଷ୍ଟଦେବତା ଅନ୍ନପୂର୍ଣ୍ଣା । ଅତଏବ ସେମାନଙ୍କୁ ଦେଖି ମୁଁ କାହିଁକି ସୁଖ ଲଭିବି ? ମନୁଷ୍ୟ ଦେଖି ଯଦି ସୁଖ ସଞ୍ଚାର ହେଉଥାନ୍ତା ତାହାହେଲେ କଲିକତା ମହାନଗରୀରେ ଅସଂଖ୍ୟ ମାନବ ମାନବୀ ନ ଦେଖି ଏଠି ଗଣ୍ଡଗ୍ରାମକୁ ଆସନ୍ତି କାହିଁକି ? ଯଦି କେହି କହନ୍ତି ଏସବୁ ଅମର ବୁଝିବାର ଭୁଲ ; ତାହାହେଲେ ସେ ତାଙ୍କର ଭୁଲ ଭାଙ୍ଗନ୍ତୁ । ମୋର ଏହି ଭୁଲରେ ସୁଖ; ମୋର ଏହି ମାୟାରେ ସୁଖ ।

Digitized by srujanika@gmail.com

ଅଜକୁ ୩ ଦିନ ହେଲା ଗଞ୍ଜାମ ଆସିଅଛୁ । ଅନ୍ନପୂର୍ଣ୍ଣା—ଭଗିନୀ ଅନ୍ନପୂର୍ଣ୍ଣାଙ୍କର ଗଦ୍ୟ,ପଦ୍ୟ କେତେଗୁଡ଼ାଏ, ସାନନ୍ଦେ ପାଠ କରିଅଛୁ । ତାଙ୍କର ଉଦ୍ଦେଶ୍ୟ ଅତି ମହତ୍ ଏ କଥା ବୁଝି ପାରିଅଛୁ । "ସ୍ତ୍ରୀ ଜାତିର ଉନ୍ନତି ।" ଏହି ଉଦ୍ଦେଶ୍ୟ ସାଧନ କରିବା ପାଇଁ ସେ ଏବଂ ତାଙ୍କର ସ୍ୱାମୀ ଦୃଢ଼ ସଂକଳ୍ପିତ । କିନ୍ତୁ ବିଧିର ନିୟମ ଏହି ଯେ କୌଣସି ଗୋଟିଏ ମହତ୍ କାର୍ଯ୍ୟ କରିବାକୁ ଅଗ୍ରସର ହେଲେ ସମ୍ମୁଖରେ ଅନେକ ବାଧାବିଘ୍ନ ଆସି ଆମ୍ଭମାନଙ୍କୁ ବ୍ୟଥିତ କରି ପକାଏ । ଭଗିନୀ ଅନ୍ନପୂର୍ଣ୍ଣା କିପରି ସେ ସମସ୍ତ ବାଧାବିଘ୍ନ ସହିତରେ ଯୁଦ୍ଧ କରୁଅଛନ୍ତି ତାହା ତାଙ୍କର କ୍ରୋଧ ଜାତ ଗଦ୍ୟମାନ ପାଠ କଲେ ଜଣାଯିବ । ଭଗିନୀ ଅନ୍ନପୂର୍ଣ୍ଣାଙ୍କୁ ଦେଖିନି, ଯେତେଦୂର ସାଧ ତାଙ୍କୁ ପାଠ କଲି । ପରିଶେଷରେ ଏହି କଥା ସ୍ଥିର କଲି ଯେ ଅନ୍ନପୂର୍ଣ୍ଣା ଠିକ ଗୋଟିଏ ଦୈବୀ ଶକ୍ତିରେ ଅନୁପ୍ରାଣିତା । କିନ୍ତୁ ସେ ତାଙ୍କର ଲକ୍ଷ୍ୟପଥରେ କେତେଦୂର ଅଗ୍ରସର ହେବେ ତାହା ସନ୍ଦେହର ବିଷୟ; କାରଣ ସେ ଏକାକିନୀ । ସ୍ୱାମୀ ତାଙ୍କର ସହାୟ ସତ୍ୟ; କିନ୍ତୁ, ଆଉ ଅନ୍ତତଃ ଗୋଟିଏ ଭଗିନୀ ତାଙ୍କର ସହାୟ ହେଲେ ଓଡ଼ିଶାର ସ୍ତ୍ରୀଜାତିର ଅବସ୍ଥାର କିଛି ପରିବର୍ତ୍ତନ ହେବାର ଆଶା-ଥିଲା । ଯାହା ହେଉ, ଆସ ତାଙ୍କର ମଙ୍ଗଳ କାମନା କରିବା ।

ଅଜ ଅନ୍ନପୂର୍ଣ୍ଣା ପାଗଳିନୀ । ସବୁ ବେଳେ ସ୍ୱପ୍ନ ଦେଖନ୍ତି । ଆଶ୍ଚର୍ଯ୍ୟ ସ୍ୱପ୍ନ ! ଭବିଷ୍ୟତର ଉଜ୍ଜ୍ୱଳ ରଶ୍ମି ତାଙ୍କ ଉପରେ ସର୍ବଦା ପ୍ରତିଫଳିତ । ସେ ଏ ଦାରୁଣ ସଂସାରରେ ଅନେକ ଭାବରେ ଦଗ୍ଧ ହୋଇ ଅଛନ୍ତି; ଦଗ୍ଧ ହୋଇ ଆଜ ତାଙ୍କର ପାପ ବିମୋଚନ ହୋଇ ଅଛି । ଆଜି ସେ ଅଜ ମାନବୀ ନୁହନ୍ତି; ପ୍ରକୃତରେ ଦେବୀ ।

ଅନ୍ନପୂର୍ଣ୍ଣା ସୁଖେ ଦୁଃଖେ ବାସ୍ତବିକ ଅନ୍ନପୂର୍ଣ୍ଣା । ଅତିଥି ସେବାରେ ସିଦ୍ଧହସ୍ତା । ନାନା ବିପଦରେ ପଡି ସୁଦ୍ଧା ନିଜର ସନ୍ତାନମାନଙ୍କ ଣତ

Digitized by srujanika@gmail.com

ନାହାନ୍ତି । ଓଡ଼ିଶା ଆଜି ପର୍ଯ୍ୟନ୍ତ ଅନ୍ନପୂର୍ଣ୍ଣାଙ୍କୁ ଚିହ୍ନିଲା ନାହିଁ । କାହୁଁ ଅବା ଚିହ୍ନିବ ? ଗୁଣୀ ବିନା ଗୁଣର ଆଦର କରେ । ଯାହାଠାରେ ଗୁଣ ନାହିଁ ସେ କାହୁଁ ଗୁଣୀକୁ ଚିହ୍ନିବ ?

ଅନ୍ନପୂର୍ଣ୍ଣା—ଭଗିନୀ ଅନ୍ନପୂର୍ଣ୍ଣା !—ତୁମକୁ ଦେଖି ମୋର ଏହିପରି ଭାବ ହେଉଅଛି ଯେ ତୁମେ ଅଜ୍ଞ କାଳ ଅତି ମନଃକଷ୍ଟରେ ରହି ଅଛ, ତୁମର ବଜ୍ରପ୍ରାୟ କଠିନ ପ୍ରତିଜ୍ଞା—"ମୁଁ ସ୍ତ୍ରୀ ଜାତିର ଉନ୍ନତି ସମାଧାନ କରିବି" ବୋଧ ହୁଏ, ତୁମକୁ ମଧ୍ୟେ ଉନ୍ମାଦନୀ କରୁଅଛି । କିନ୍ତୁ ଭଗିନି ! ତୁମର ଉନ୍ନତଭାବହିଁ କେବଳ ତୁମର ପ୍ରତିଜ୍ଞା ରକ୍ଷା କରି ପାରିବ । ଆଉ କେହି ପାରିବ ନାହିଁ । ସଂସାର ତୁମକୁ ଛିଛି କରିବେ, ପାଗଳୀ ବୋଲି କେତେ ହାସ୍ୟ ପରିହାସ କରିବେ, ତୁମକୁ ପାପିନୀ, ନାରକୀ ବୋଲି ଓଡ଼ିଶାର ପୁରୁଷ ଏବଂ ସ୍ତ୍ରୀ ସମାଜ ଉପରୁ ତଡ଼ାଇ ଦେବେ; କିନ୍ତୁ ଭଗିନି ! ସମୟ ଆସିବ ଯେତେବେଳେ ତୁମକୁ ଅବତାର ବୋଲି ମାନିବେ । ଭଗିନି ! ଏଥି ପାଇଁ ସେମାନଙ୍କୁ କ୍ଷମା କର । ଭ୍ରାନ୍ତିଶୀଳ ମନୁଷ୍ୟ ।

ଦାରିଦ୍ର୍ୟ-କଷଣ ଯେ ଭୋଗ କରି ଅଛି ସେହି କେବଳ ତାହାର ତୀବ୍ର ଜ୍ୱାଳା ଜାଣେ । ଶରୀର ପାଇଁ ମଳିନ ଜୀର୍ଣ୍ଣ ଶୀର୍ଣ୍ଣ ବସନ ଖଣ୍ଡିଏ ଯେତେବେଳେ ଅନାଟନ ହୋଇ ପଡ଼େ, ବନ୍ଧୁ ଆସିଲେ ଆଦର ସହିତ ଖୁଆଇବାକୁ ସମୟରେ ଏକତାମ୍ରମୁଦ୍ରାର ମଧ୍ୟ ଅଭାବ ଘଟେ, ମୁହୁର୍ମୁହୁ ମହାଜନ ଆସି ଯେତେବେଳେ ତାଗିଦା କରେ, ସେତେବେଳେ ମସ୍ତକ ବିଘୂର୍ଣ୍ଣିତ ହୁଏ । କଅଣ କରିବି, କେଉଁଆଡ଼େ ଯିବି, କି ଉପାୟ ଅବଲମ୍ବନ କରିବି ଇତ୍ୟାଦି ନାନା ଚିନ୍ତା ଆସି ବ୍ୟତିବ୍ୟସ୍ତ କରି ପକାଏ; ସେତେବେଳେ ପ୍ରେମ-ପ୍ରୀତି, ବସନ୍ତ, ମଧୁର ଗୀତ, ଅଉ କିଛି ମନକୁ ଭଲ ଲାଗେ ନାହିଁ । ହେ ଦୟାମୟ ! ତୁମେ ଦୟାନାମ ବହି କପରି ଏହି ସବୁ ଦେଖୁ ଥାଅ ? ନା, ବୁଝିଛି, ତୁମେ ଅତି

Digitized by srujanika@gmail.com

ନିଷ୍ଠୁର, ତୁମର ପ୍ରାଣରେ ଟିକିଏ ସ୍ପୃହା ତରଳିଲା ନାହିଁ । ହୋଇ ପାରେ, ଏକ ସମୟରେ, ସତ୍ୟଯୁଗରେ ତୁମର ପ୍ରାଣ ତରଳ ଥିଲା; କିନ୍ତୁ, ଆଜି ତାହା କଠିନତ୍ୱ ପ୍ରାପ୍ତ ହୋଇ ଅଛି । ଅନ୍ନପୂର୍ଣ୍ଣାଙ୍କର ଆଜି ସେହି ସମ ଅବସ୍ଥା । ତୁମର କଠିନ ହୃଦୟ ପରି ଆଜି ଅନ୍ନପୂର୍ଣ୍ଣାଙ୍କର ହୃଦୟ ମଧ୍ୟ ସଂସାର ଜ୍ୱାଳାରେ ଦଗ୍ଧ ହୋଇ୨ କଠିନ ହୋଇ ଅଛି । ସେଥି ଯୋଗୁଁ ସେ ତପି୨ ଦାରିଦ୍ର୍ୟର ଭୀଷଣ ସହ୍ୟ କରୁ ଅଛନ୍ତି । ଧନ୍ୟ ଭଗିନୀ । ତୁମର ସହିଷ୍ଣୁତା !

ଫିରିଙ୍ଗୀ ସମାଜରେ ଅନ୍ନପୂର୍ଣ୍ଣାଙ୍କ ବେଶ ସମାଦର ଅଛି । କୌଣସି ଗୋଟିଏ ଶୁଭ ଅନୁଷ୍ଠାନରେ ସେମାନେ ଅନ୍ନପୂର୍ଣ୍ଣାଙ୍କୁ ନିମନ୍ତ୍ରଣ କରି ଥାଆନ୍ତି । ସେମାନେ ତାଙ୍କୁ ଯେପରି ଅନୁକମ୍ପା ସହାନୁଭୂତି ଦେଖାନ୍ତି, ମୋର ଧ୍ରୁବ ବିଶ୍ୱାସ କେବଳ ଦୁଇ ଏକ ଜଣ ପରିପକ୍ୱ ବେଶ ପରିପକ୍ୱ ମସ୍ତିଷ୍କ ଓଡ଼ିଶାବାସୀ (ଜଣେ ଓଡ଼ିଆ ଆଉ ଜଣେ Domiciled Bengali ବୋଲି ପରିଚୟ ଦିଅନ୍ତି,) ଛଡ଼ା ଅନ୍ୟ କାହାରି ପାଖରୁ ଅନ୍ନପୂର୍ଣ୍ଣା ସେହିପରି ସହାନୁଭୂତି ପାଇ ନାହାନ୍ତି । ଓଡ଼ିଆ ଭାଇମାନେ, ତୁମେମାନେ ଏଥିପାଇଁ ଧନ୍ୟ ହୁଅ ।

ଧିକ୍ ରେ ତୋତେ ବଙ୍ଗ ପରୀକ୍ଷକ । ଅନ୍ନପୂର୍ଣ୍ଣାଙ୍କୁ ପରୀକ୍ଷା କରିବା ପାଇଁ ତାଙ୍କଦ୍ୱାରରେ ଆତିଥ୍ୟ ଯାଚ୍ଞା କରିଥିଲୁ ? ଆଉ ଜ୍ଞାନ, ଧର୍ମ, ମନୁଷ୍ୟତ୍ୱ ଭୁଲି କି ବେଶ ଅଭିନୟ କରିଥିଲୁ ? ଭଗବାନ୍ ଅଛନ୍ତି । ପରୀକ୍ଷା କରି ମନରେ ଶାନ୍ତି ଆସିଲାକି ? ଚିରକାଳ ମୁର୍ମୂର ଯନ୍ତ୍ରଣାରେ ଅସ୍ଥିର ହୋଇ ବଞ୍ଚି ରହିଥା, ମୁଁ ତୋତେ ଏହି ଆଶୀର୍ବାଦ କରୁଅଛି; ଈଶ୍ୱର ନିଜେ ସେହି ଆଶୀର୍ବାଦ କରନ୍ତୁ; ଆଉ ଗୁଣଗ୍ରାହୀ ଓଡ଼ିଶା ବାସୀମାନେ ମଧ୍ୟ ସେହି ଆଶୀର୍ବାଦ କରନ୍ତୁ; ସେମାନଙ୍କର ଏହି ଆଶୀଷ୍ ବାଣୀ ଦ୍ୱାରା ଆକାଶ ପୂର୍ଣ୍ଣ ହେଉ । ଏହା ଜଗତ୍ ବାସୀ ଏବ ଅମରଗଣ ଦେଖନ୍ତୁ ।

Digitized by srujanika@gmail.com

ଅନ୍ନପୂର୍ଣ୍ଣା ଯେତେବେଳେ ପ୍ରଥମରେ ତାଙ୍କର ଲେଖାଗୁଡ଼ିଏ ଓଡ଼ିଶାର ସମ୍ବାଦ ପତ୍ରମାନଙ୍କରେ ପ୍ରକାଶ କଲେ ସେତେବେଳେ ଓଡ଼ିଶାବାସୀ ମାନଙ୍କର ହୃଦୟରାଜ୍ୟରେ ଗୋଟିଏ ପ୍ରବଳ ଝଟିକା ଉଠିଥିଲା । କିଏ କେତେ ଭାବରେ ଅନ୍ନପୂର୍ଣ୍ଣାଙ୍କ ବିଷୟରେ ମତ ପୋଷଣ କରିଥିଲେ ତାହା କିପରି କହିବି ? ମାତ୍ର ଗୋଟିଏ ଦୃଷ୍ଟାନ୍ତ ଦେଖାଇବି । ଅନ୍ନପୂର୍ଣ୍ଣାଙ୍କର ଲେଖା କିଛି ଦିନ ପ୍ରକାଶିତ ହେଲା ପରେ ଅନ୍ନପୂର୍ଣ୍ଣା ସ୍ୱାମୀ ସହିତ ବଡ଼ଖେମୁଣ୍ଡିରୁ ବିତାଡ଼ିତା ହେଲେ । ଆଉ ଗୋଟିଏ ଦୃଷ୍ଟାନ୍ତ ନ ଦେଖାଇ ରହି ପାରିଲି ନାହିଁ । ଅନ୍ନପୂର୍ଣ୍ଣା ତାଙ୍କର ଶ୍ୱଶୁର ଶାଶୁଙ୍କୁ ଯେତେବେଳେ ଦେଖିବାକୁ ଯାଉଥିଲେ ସେତେବେଳେ ସେହି ଷଷ୍ଟୋର୍ଦ୍ଧ୍ୱବୟସ୍କା ସ୍ଥବିରା ତାଙ୍କୁ "କୁଳ କଳଙ୍କିନୀ କୁଳ ବୁଡ଼ାଇଲୁ ! କି ଦୁର୍ନାମ କିଣିଲୁ ! ମାଇକିନିଅ ହୋଇ କିଏ ପଦାକୁ ବାହାରି ଥିଲା ତୁ ବାହାରିଲୁ; ଝିଅପୁଣି ହୋଇ କିଏ ମୁଖରୁ ଆବରଣ ବାହାର କରିଥିଲା ତୁ ବାହାର କଲୁ" ଏହି ପରି ନାନା କଥା କହୁଥିଲେ । ହେ ପାଠକେ ! ହୃଦୟ ଥିଲେ ଅନୁଭବ କରନ୍ତୁ; ସେ ଗାଳି ଶୁଣି ଅନ୍ନପୂର୍ଣ୍ଣାଙ୍କର କୁସୁମାସ୍ତ୍ରବଦ୍ଧା ହୃଦ୍‌କୁଳଜାତ ଅନ୍ନପୂର୍ଣ୍ଣାଙ୍କର ସେତେବେଳେ କି ମାନସିକ ଯନ୍ତ୍ରଣା ହୋଇ ଥିବ ତାହା ଅନୁଭବ କରନ୍ତୁ । ଆଉ ପାଠକେ ! ଯେ ଅନ୍ନପୂର୍ଣ୍ଣା କେବଳ ତୁମମାନଙ୍କ ପାଇଁ ଏ ଘୋର ମନକଷ୍ଟ ସହ୍ୟ କରିଥିଲେ, ତୁମେକି ତାହାର ଶତାଂଶରୁ ଅର୍ଦ୍ଧେକ ସହ୍ୟ କରି ପାରିବ ନାହିଁ ? ବର୍ତ୍ତମାନ ତ ଅବସ୍ଥା ଅନେକ ପରିବର୍ତ୍ତିତ ହୋଇ ଯାଇ ଅଛି । ଆଜି କାଲି ସାଧାରଣରେ ଉଦାର ମତର (liberal views) ପରିଚୟ ମିଳୁ ଅଛି । ଯେ ଅନ୍ନପୂର୍ଣ୍ଣା ତୁମ ପାଇଁ ଏତେ ଲାଞ୍ଛନା, ଏତେ ଅତ୍ୟାଚାର ସହ୍ୟ କରି ଅଛନ୍ତି, ତାଙ୍କ କଥାକି ତୁମେମାନେ ଶୁଣିବ ନାହିଁ ? ଶୁଣ ହେ ଓଡ଼ିଶାର ନାରୀବୃନ୍ଦ ! ତୁମପାଇଁ ସେ ଯେ ଆଜି ପ୍ରାଣ ପର୍ଯ୍ୟନ୍ତ ଦେବାକୁ ପ୍ରସ୍ତୁତା । ତୁମ ପାଇଁ ଯେ ତାଙ୍କ ଚକ୍ଷୁରୁ ସ୍ଫୁଲିଙ୍ଗ ଏବଂ ଅଶ୍ରୁ ଏକସଙ୍ଗରେ ନିର୍ଗତ ହେଉ ଅଛି ।

Digitized by srujanika@gmail.com

ଅନ୍ନପୂର୍ଣ୍ଣା ପୂର୍ବେ ବହୁତ ଲେଖା ପଢ଼ା ଜାଣି ନ ଥିଲେ । ବିବାହ ହେବାର ପରେ ସେ ଲେଖାପଢ଼ା ଶିଖିଅଛନ୍ତି । ସେ ଯେ ଅଜ ନାଗରିକ ବୋଲି ଅଖ୍ୟାତା ହୋଇ ଅଛନ୍ତି, ତାହା କେଉଁ କାରଣରୁ ? ସେ କେବଳ ତାଙ୍କର ପତିଭକ୍ତିରେ ଅଟଳ ବିଶ୍ୱାସ । ତାଙ୍କର ସ୍ୱାମୀଙ୍କର ସ୍ୱପ୍ନାଦିଷ୍ଟ ଦୁଇ ଧାଡ଼ି କବିତା ତାଙ୍କ କବିତ୍ୱର ମୂଳବୀଜ । ତାଙ୍କର ସ୍ୱାମୀ ସ୍ୱପ୍ନରେ ଦୁଇ ଧାଡ଼ି କବିତା ପାଇ ଥିଲେ, ସେହି ଦୁଇ ଧାଡ଼ି କବିତା ସେ ତତ୍ପର ଦିନ ସକାଳେ ତାଙ୍କ ସ୍ତ୍ରୀଙ୍କୁ କହିଲେ । ଏହି ଦୁଇ ଧାଡି କବିତା ତାଙ୍କର କର୍ଣ୍ଣମନ୍ତ୍ର ହେଲା ।

ଏ ସଂସାରରେ ସତ୍ୟରହିଁ ଜୟ । ଅସତ୍ୟର ଜୟ କେତେବେଳେ ସ୍ଥିରା ହୋଇ ପାରେ ନାହିଁ । ଅସତ୍ୟରେ ଉପାର୍ଜ୍ଜିତ ଅର୍ଥସମ୍ପତ୍ତି ଗୋଟିଏ ଦୈବିକ ଘଟନାରେ ଲୋପ ପାଇ ଯାଏ, ଅସତ୍ୟରେ ପାଳିତ ଶିଶୁ ଚିରକାଳ ମଳିନ କୁତ୍ସିତ୍ ଏବଂ ଅସାହସୀ । ମାତ୍ର ସତ୍ୟରେ ପାଳିତ ଶିଶୁ ଶିଶିର ସିକ୍ତ ପୁଷ୍ପ ପରି ଚିରକାଳ ଉଜ୍ଜ୍ୱଳ, ନିର୍ମ୍ମଳ ଏବଂ ତେଜୀୟାନ୍ । ଦେଖ ଅନ୍ନପୂର୍ଣ୍ଣା ସତ୍ୟରେ ପାଳିତ ନ ହୋଇଥିଲେ ଅଜ ତାହାଙ୍କର ଏତେ ତେଜ, ଉଜ୍ଜ୍ୱଳତା, ନିର୍ମ୍ମଳତା, କେଉଁଠାରୁ ଆସନ୍ତା ? ଅବଶ୍ୟ ଅନ୍ନପୂର୍ଣ୍ଣା ସତ୍ୟରେ ପାଳିତା । ଦେଖୁଅଛୁ ଅନ୍ନପୂର୍ଣ୍ଣାଙ୍କର ଶାନ୍ତ ଅତି ସରଳସ୍ୱଭାବ—କୁଟିଳତାର ଲେଶ ନାହିଁ । ଜାଣେ ନା ଅନ୍ନପୂର୍ଣ୍ଣାଙ୍କର ପିତାମାତା ମାନେ କିପରି ଥିଲେ ? କିନ୍ତୁ କାର୍ଯ୍ୟ କାରଣ ସମ୍ବନ୍ଧରୁ ମୁଁ ଏହାର ଅନୁମାନ କରୁଅଛୁ ଯେ ତାଙ୍କର ପିତାମାତାମାନେ ଅବଶ୍ୟ ସତ୍ୟର କ୍ରୋଡ଼ରେ ବର୍ଦ୍ଧିତ ହୋଇ ଥିବେ । କେବଳ ଲେଖା ପଢ଼ା ଶିକ୍ଷା କରି, ଅଜ କାଲିକା ସମୟରେ Government ଅଧୀନରେ ଖଣ୍ଡିଏ ଟ ୨୦୦ ବା ଟ ୩୦୦ ଟଙ୍କାର ଚାକିରି କଲେ ଯେ ଜଣେ ଶିକ୍ଷିତ ହୁଏ, ତାହା ନୁହେଁ-କଦାଚ ନୁହେଁ । ସତ୍ୟ ଯାହାଠାରେ ଅଛି ସେହି କେବଳ ପ୍ରକୃତ ଶିକ୍ଷିତ, ଆଉ ଅପର ସବୁର ଶିକ୍ଷା କେବଳ ପ୍ରବଞ୍ଚନା ମାତ୍ର । ଅନ୍ନପୂର୍ଣ୍ଣାଙ୍କର ପିତାମାତା-

Digitized by srujanika@gmail.com

ମାନେ ଜୀର୍ଣ୍ଣ କୁଟୀରରେ ବାସ କରିଥିଲେ ସତ୍ୟ; ଲକ୍ଷ୍ମୀଦେବୀଙ୍କର କୃପା ସେମାନଙ୍କ ଉପରେ ଥିଲା ନାହିଁ କିନ୍ତୁ ସେମାନେ ସତ୍ୟର ପ୍ରଧାନ ଉତ୍ତମ ଭକ୍ତ ଥିଲେ । ଦେବୀ ଅନ୍ନପୂର୍ଣ୍ଣା ତାହାଙ୍କ ସତ୍ୟର ଆରାଧନାରୁ ବଞ୍ଚିତ ହେବେ ?

ଭଗିନି ! ସାମାନ୍ୟ ଟଙ୍କା କେତୋଟି ହଜିଗଲା ବୋଲି ମୋପାଇଁ ତୁମେ ଏତେ ଭାବୁଛ ! କିନ୍ତୁ ହାୟ ! ମୋର କେଡ଼େ କଠିନ ପ୍ରାଣ, ମୁଁ ତ ଏତେଦିନ ପର୍ଯ୍ୟନ୍ତ ତୁମ୍ଭର କଷ୍ଟର କଥାଶୁଣି, ତୁମ୍ଭର କଷ୍ଟ ଦେଖି, ଟିକିଏ ସୁଦ୍ଧା ଦୁଃଖିତ ହୋଇନାହିଁ । ଅଧମ ତୁଚ୍ଛ ମୁଁ । କିନ୍ତୁ ଭଗିନି ! ଆଶୀର୍ବାଦକରେଁ ତୁମ ଚକ୍ଷୁରେ ମୁଁ କଦାପି ସେପରି ତୁଚ୍ଛ ନ ହୁଏ । ନାରୀର ପ୍ରାଣ ଅପରର କଷ୍ଟରେ ବିଗଳିତ ହୁଏ, କିନ୍ତୁ ପୁରୁଷର ପ୍ରାଣ ସେପରି ହୁଏ ନାହିଁ । ବିଧାତା ଦୁଇ ପ୍ରାଣକୁ ଟିକିଏ ଭିନ୍ନ ଉପାଦାନଦ୍ୱାରା ଗଠିତ କରିଅଛନ୍ତି ।

ଆଉ ଭଗିନି ! ଦିନଦିନ ଅନ୍ତର ଥରେ ଯେଉଁ ଦମ୍ପତୀ ଆହାର କରି ବର୍ଷ ବର୍ଷ କଟାଇଅଛନ୍ତି, ସେମାନଙ୍କଠାରୁ ମୁଁ ସହ୍ୟଗୁଣ ଶିକ୍ଷା କରିବି;ନା, ସାମାନ୍ୟ ଟଙ୍କା କେତୋଟି ପାଇଁ ପ୍ରାଣରେ ବ୍ୟଥାପାଇବି; ସେମାନଙ୍କଠାରୁ ବିପଦକୁ ମିତ୍ର ମଣି ସୁଖରେ କାଳକଟାଇବାକୁ ଶିକ୍ଷା କରିବି, ନା, ବିପଦ୍ ଆସିଲାକ୍ଷଣି ମୂହ୍ୟମାନ ହେବି ? ସେମାନଙ୍କଠାରୁ ଦୁଃଖରେ ଯେଉଁ ପ୍ରେମ ଉଜ୍ଜ୍ୱଳଆକାର ଧାରଣ କରେ, ସେହି ପ୍ରେମ ଶିକ୍ଷା କରିବି, ନା, ତୁଚ୍ଛ ଅସାର ଇନ୍ଦ୍ରିୟଜନିତ କ୍ଷଣିକ ସୁଖରେ ମତ୍ତ ହେବି ? ଏଶିକ୍ଷା ପାଇଁ ମୁଁ ଆଜି ଆପଣମାନଙ୍କ ଘରେ ଭିଖାରୀ ।

ଭଗିନି ! ବର୍ତ୍ତମାନ ଏହି ଭିକ୍ଷା କରୁଅଛି ଯେ ଚିରଦିନ ଯେପରି ତୁମର କରୁଣା ମୋ ଉପରେ ଥାଏ; ତୁମର ସ୍ନେହ ଯେପରି କେବେହେଁ ନ କମେ; ମୁଁ ସଂସାରର କୁଟିଳଚକ୍ରରେ ପଡ଼ି ହୁଏତ ଦୁଷ୍ଟସ୍ୱଭାବ,କୁପ୍ରବୃତ୍ତିକ, ଏବଂ କଦାଗ୍ରହ ହୋଇ ତୁମକୁ ଭୁଲିଯାଇ

Digitized by srujanika@gmail.com

ପାରେଁ; କିନ୍ତୁ, ସେଥିପାଇଁକି ତୁମେ ମୋତେ ଭୁଲିଯିବ ? ଭୁଲିଯିବ ବର୍ତ୍ତମାନ ଏକଥା ଭାବିଲାବେଳକୁ ମୋମନରେ ଗୋଟିଏ ଗଭୀର କଷ୍ଟର ଅନୁଭୂତ ହେଉଅଛି । ଭଗିନି ! ପ୍ରାର୍ଥନା, ଚିରକାଳ ଯେପରି ମୋତେ ଶୁଭଆଶୀର୍ବାଦ କରୁଥାଅ । ଆଶୀର୍ବାଦ କର, ମୁଁ ଯେପରି ତୁମ ପରି ସର୍ବଦା ସତ୍ୟର ପଥରେ ବିଚରଣ କରିବାକୁ ଶିକ୍ଷା କରେଁ । ଏକମୁହୂର୍ତ୍ତ ପାଇଁ ସୁଦ୍ଧା ଯେପରି ସତ୍ୟର ପଥରୁ ସ୍ଖଳିତ ନ ହୁଏ ।

ଭଗିନି ! ମନୋଭାବ, ଯେପରି କେବେହେଁ ଲୁଚାଇବ ନାହିଁ ଏହି ପ୍ରାର୍ଥନା । ଆମ୍ଭମାନଙ୍କର ମଧ୍ୟରେ, ମୋର ବିଶ୍ୱାସ ଇତିପୂର୍ବରୁ, ଗୋଟିଏ ଅଚ୍ଛେଦ୍ୟ ସମ୍ବନ୍ଧ ସ୍ଥାପିତ ହୋଇଅଛି । ସେ ସମ୍ବନ୍ଧ, ଭାଇ-ଭଉଣୀର ସମ୍ବନ୍ଧ; ସେ ସମ୍ବନ୍ଧ, ମର୍ତ୍ତ୍ୟ ଏବଂ ସ୍ୱର୍ଗର ସମ୍ବନ୍ଧ; ସେ ସମ୍ବନ୍ଧ, ଭକ୍ତି ଏବଂ ସ୍ନେହର ସମ୍ବନ୍ଧ; ସେ ସମ୍ବନ୍ଧ, ମୋହ ଏବଂ ଜ୍ଞାନର ସମ୍ବନ୍ଧ; ସେ ସମ୍ବନ୍ଧ, ଦୁଃଖ ଏବଂ ସୁଖର ସମ୍ବନ୍ଧ, ସେ ସମ୍ବନ୍ଧ, ମରଣ ଏବଂ ଜନ୍ମର ସମ୍ବନ୍ଧ । ମୋର ବିଶ୍ୱାସ ଏ ସମ୍ବନ୍ଧ କେବେହେଁ ଛିନ୍ନ ହେବ ନାହିଁ ।

ଭଗିନି ! ପରଶେ ପରଶେ ଦେଖା ସୁଦ୍ଧା ହୋଇ ଯାଏ । ଅଜ ତୁମର ପ୍ରାଣ ମୋର ପ୍ରାଣକୁ ଛୁଇଁଅଛି, ତୁମର ଆତ୍ମା କିନ୍ତୁ ମୋର ଆତ୍ମାକୁ ବର୍ତ୍ତମାନ ସୁଦ୍ଧା ଛୁଇଁ ନାହିଁ । ଯେଉଁଦିନ ତୁମର ଆତ୍ମା ମୋର ଆତ୍ମାକୁ ଆସି ସ୍ପର୍ଶ କରିବ ସେହିଦିନ ମୁଁ ଧନ୍ୟ ହେବି । ସେ ଦିନ ଆଉ ତୁମେ ମୋତେ ଛଳନା କରିବ ନାହିଁ, ମୋର ଅର୍ଥନାଶରେ ମୋର ମନସ୍ତାପ ଥୁଆଇବାକୁ ପ୍ରୟାସ କରିବ ନାହିଁ ।

ଭଗିନି ! ସେ ଦିନ କି ନିକଟ ହୋଇଅଛି ? ନା ହୋଇନାହିଁ ?

ଭଗିନି ! କ୍ଷମା କରିବ, ଆଉ ଲେଖିବା ଉଚିତ ନାହିଁ । କାରଣ ଭାଷାର ଶେଷ ହୋଇ ଆସିଲା, ଯଦିସୁଦ୍ଧା ଭାବ ଅନ୍ତରରେ ପରିପୂର୍ଣ୍ଣ ହୋଇ ରହିଅଛି ମୁଁ ମୂକ ହୋଇ ଆସିଲିଣି; କଥା କହିବାର

Digitized by srujanika@gmail.com

ସମତା ନାହିଁ । ଯେତେଦୂର ପାରିଲି, ଭଙ୍ଗା କଥାରେ ମୋର ମନୋଭାବ ବ୍ୟକ୍ତ କଲି । ମୋତେ ଆଶୀର୍ବାଦ କର, ଏହି ମୁଁ ତୁମ ଚରଣପ୍ରାନ୍ତରେ ପ୍ରଣତ ।

ତୁମର ସ୍ନେହର
ଶଶି ଲ।—

ଗୋଟିଏ ପରିବାର ।

ଗୋଟିଏ ଥିଲା ପରିବାର । ସେ ପରିବାରରେ ଥିଲା ଗୋଟିଏ ଦେବୀ, ଗୋଟିଏ ରାକ୍ଷସୀ । ଏହାଛଡ଼ା କର୍ତ୍ତା, ଗୃହିଣୀ, ଆଉ ତାଙ୍କର ସନ୍ତାନ ସନ୍ତତି ମିଶି ଆଠ ଜଣ ଥିଲେ ।

* * *

ପରିବାରଟି ଅତି ସୁଖର ହୋଇ ପାରି ଥାଆନ୍ତା; କିନ୍ତୁ ଟିକିକୁ ସବୁ ବିଗିଡ଼ି ଯାଇଥିଲା । ସେ କେବଳ ସେହି ଜଣକ ପାଇଁ । ତାର ନାମ ଧରିବାକୁ ଭୟ ହେଉଅଛି । ସେ ଯେ ବଧୂଙ୍କର ରାକ୍ଷସୀ ।

* * *

ଗୃହିଣୀଙ୍କର ଏ ଲକ୍ଷଣରେ ପ୍ରସବ ବେଦନା ହୋଇଥିଲା ! ବସନ୍ତ କାଳ । ପ୍ରେମିକ ପ୍ରେମିକାରି ନବ ଯୌବନରେ ଏହି ନବ ବସନ୍ତ-କାଳ ସମାଗତ । ସେମାନେ ଆନନ୍ଦରେ ବିଭୋର; ଧରାରେ ଆନନ୍ଦର ଢେଉ ଖେଳୁଥିଲା, କିନ୍ତୁ ଦମ୍ପତିଙ୍କର ସୁଖ ଆଉ ଧରି ରଖି ହେଉନାହିଁ ।

* * *

ଯଥା ସମୟରେ ବର୍ଷର ବିଧାନରେ ଗୃହିଣୀଙ୍କର ଅନ୍ତଃସତ୍ତ୍ୱା ହେଲା । ଯଥା ସମୟରେ ଗୋଟିଏ ଝିଅ ! ନବନୀତକୋମଳ-କମନୀୟକାୟ ଶିଶୁଟି ଧରା ପୃଷ୍ଠରେ ଉପସ୍ଥିତ ହେଲା । ପରିବାର

Digitized by srujanika@gmail.com

ମଧ୍ୟରେ ସୃଜର କୋଲାହଳ, ଅନନ୍ତର କଲ୍ଲୋଳ, ପ୍ରତ୍ୟେକ ଚର-ପରିବାରଭୁକ୍ତ ପ୍ରାଣୀର ଅନ୍ତର ବାହାରକୁ ପରିବ୍ୟାପ୍ତ କଲା । ଏପରି ଶିଶୁ ଜନ୍ମ ପାଇଲେ କାହାର ବା ନ ହେବ ?

* * *

ଦିନ୍ ୨ ଶିଶୁ କନ୍ୟାଟି ବଢ଼ିବାକୁ ଲାଗିଲା । କ୍ରମେ ଶ୍ରେଷ୍ଠ କଳ-କାଟି ପ୍ରସ୍ଫୁଟିତ ହେବାକୁ ଲାଗିଲା । କନ୍ୟାଟି ଯେତେବେଳେ ଯୌବନ ସ୍ରଗରେ ମଣ୍ଡିତ ହେଲା ସେତେବେଳେ ତାହାର ପ୍ରେମର ଉଚ୍ଛ୍ୱାସ ଅହୋ ! କି ପ୍ରବଳ ! କି ଉଜ୍ଜ୍ୱଳ !

* * *

ପ୍ରେମ ଠାରେ ଜାତି ବିଚାର ନାହିଁ, ମାନ ଅପମାନ ଜ୍ଞାନ ନାହିଁ । ପ୍ରେମର ଉଚ୍ଛ୍ୱାସ ପ୍ରବଳ ହେଲେ ତାକୁ ବାଧା ଦିଏ କିଏ ? ଉନ୍ମା-ଦିନୀ ସ୍ରୋତସ୍ୱିନୀ ନଦୀ ଯେତେବେଳେ ପ୍ରେମରେ ମାନ ଅପମାନ, ନିଜର ବସ୍ତୁ କୂଳ ସବୁ ଭୁଲିଯାଇ ସିନ୍ଧୁ ଅଭିମୁଖରେ ଧାବିତା ହେଉଥାଏ, ତାହାକୁ କି କେହି ବାଧା ଦେଇ ରଖିପାରେ ? ସେ କିଛି ମାନେ ନା । ସେ ଯାହାପାଇଁ ଉନ୍ମତ୍ତ ତାହାପାଇଁ ସେ ନିଜର କୁଳ, ନିଜର ମାନ ସମସ୍ତଙ୍କୁ ତୁଚ୍ଛ ଜ୍ଞାନ କରେ । ଆଜି ସେହି ପ୍ରସ୍ଫୁ-ଟିତା କଳିକାଟିର ଅବସ୍ଥା ଠିକ୍ ସେହିପରି ।

* * *

ଦେଖଟି ଅମର ବାଳବିଧବା । ପ୍ରଥମ ଯୌବନ ବିକାଶ ସମ-ୟରେଇ ସ୍ୱାମୀଟି ଇହଧାମ ଛାଡ଼ି ଗଲେ । ସେ କି ଏଡ଼େ ନିଷ୍ଠୁର ! ସ୍ତ୍ରୀର ଭବିଷ୍ୟତ୍ ବିଷୟ ଟିକିଏ ହେଲେ ଚିନ୍ତା ନ କରି ଏକେବାରେ ଶେଷ ନିଦ୍ରାର କ୍ରୋଡ଼ରେ ଢଳି ପଡ଼ିଲେ ? ବାଲବିଧବାଟିର ହୃଦୟ-ଆକାଶରେ ସେହି ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର ଥିଲା । ହାୟ ! ସେ ଖସି ପଡ଼ିଲା ! ଆଉ ସେ ଆକାଶଟି ଘୋର, ଅନ୍ଧକାରରେ ଆବୃତ ହୋଇ ରହିଲା । ଈଶ୍ୱର ଖେଳ ।

* * *

Digitized by srujanika@gmail.com

ସେହି ଶିଶୁ, ଯେ ପ୍ରଥମ ଧରାଧାମରେ ଅବତୀର୍ଣ୍ଣ ହୋଇ ପିତାମାତା ଏବଂ ପରିବାରବର୍ଗର ଆନନ୍ଦର କାରଣ ହୋଇଥିଲା, ସେହି ଶିଶୁ ଆଜ ପ୍ରେମରେ ଉନ୍ମାଦିନୀ ହୋଇ ନିଜର ବାତୁଳତାକୁ ଅନ୍ୟର ବାତୁଳତା ସହିତରେ ଜଡ଼ାଇବାକୁ ଇଚ୍ଛା କଲା । ଏଥିରେ ପରିତୃପ୍ତ ନ ହୋଇ ପୁଣି, ଭିନ୍ନ ଏହିପରି ବହୁ ବାତୁଳତାକୁ ନିଜର ବକ୍ଷରେ ଧାରଣ କଲା । ତାହାର ହୃଦୟାକାଶରେ ଆଜି ଶତ ଶତ ପ୍ରେମିକ ପ୍ରତିମା ଉଦିତ ହୋଇ ଘଣ୍ଟେ୨ ନଇ ଯାଉଅଛି, ପୁଣି ଘଣ୍ଟେ ଘଣ୍ଟେ ଉଦିତ ହେଉଅଛି । ଏହିପରି ଆଲୋକ ଏବଂ ଛାୟାର ଖେଳ ତାହାର ପ୍ରାଣରେ ଖେଳୁଅଛି ।

* * *

କେତେଥର ସେ ଅଭାଗିନୀ ଉନ୍ମାଦିନୀ ଏହିପରି ମୋହରେ ପଡି୨ ତାହାର ପତନର, ତାହାର ନରକର ରାସ୍ତା ନିଜ ହାତରେ ତିଆରି କରିଅଛି । ସେ ଆଉ ଘରେ ରହିବ ନାହିଁ; ଯଥାଇଚ୍ଛା ତଥା ପ୍ରସ୍ଥାନ କରିବ—କରିବ—କରିବ । ଏ ଅବସ୍ଥା ଦେଖି ପିତାମାତାଙ୍କ ମନରେ ଦାରୁଣ ଯନ୍ତ୍ରଣା ହେଲା ।

* * *

ପ୍ରେମ ଚରିତ ହେଲେ ଏହିପରି ହୁଏ, ଅଭାଗିନୀର ମଧ୍ୟ ସେହି-ପରି ହେଲା । ସେ କଅଣ କରିବ ? ଏଣେ ବଧବାଟି ସେହି ତାହାର ହୃଦୟାକାଶରୁ ଚ୍ୟୁତ ନକ୍ଷତ୍ରଟିର ସ୍ଥାନରେ କାଳ ଅନ୍ଧକାର ବଢ଼ୁ-ଅଛି ଏବଂ ଜନନୀର ସ୍ନେହ-ସମସ୍ତଙ୍କୁ ବିତରଣ କରୁଅଛି । ପ୍ରେମିକର ସେଇ ପ୍ରେମ-ହସ ତାହା ଠେଲିବାକୁ ପାଇଁ ରୁଦ୍ଧ ହୋଇଅଛି । ସହ ତ ଦେବୀ !

* * *

ତଳୁ ସେହି ପ୍ରେମ-ବିତରଣ-କାରିଣୀ ଅଭାଗିନୀ କାଶ୍ଚି କେତେ

Digitized by srujanika@gmail.com

ଯୁବକକୁ ଶେଷ ମୋହ ପଥରେ ଅନ୍ବେଷଣ କରୁଅଛି ଯେ, ତାହାର ଉପୃପ୍ତି ନାହିଁ; ତଥାପି ତାହାର ପିପାସାର ଉପଶମ ହେଉ ନାହିଁ ।

* * *

ସେ ଅଜକୁ ଅନେକ ଦିନ ହୋଇଗଲାଣି । ଆଜି କିନ୍ତୁ ସେ ବାଳିକା ପ୍ରତିକୃତ ପ୍ରତିହତ ହୋଇ ଘରକୁ ଫେରି ଆସିଅଛି । ସ୍ୱାମୀ ସହିତରେ ସୁଖରେ ଏବଂ ହୃଦବନ୍ଧୁ ପାଇଁ ଅନୁତାପ ଏବଂ ଅନୁଶୋଚନାରେ କାଳ କଟାଉଅଛି । ପାଠକେ ! ମାପ କରିବେ । ଏତେବେଳଯାଏ କହି ନ ଥିଲି ଯେ ଏହି ବାଳିକାଟି (ଅଜି ପୂର୍ଣ୍ଣବୟସ୍କା) ପ୍ରଥମ ଯୌବନରେହିଁ ବିବାହ ସୂତ୍ରରେ ଆବଦ୍ଧ ହୋଇଥିଲା । କିନ୍ତୁ ସ୍ୱାମୀଟି ତା ମନକୁ ପାଇ ନ ଥିଲା ।

* * *

ପିତା ଏବଂ ମାତାଙ୍କୁ କନ୍ୟାର ଦୁଶ୍ଚରିତ କଥା ଶୁଣି ଅନେକ କଷ୍ଟ ହୋଇଥିଲା । ସେଥିପାଇଁ କନ୍ଦୁଥିଲେ ପରିବାରଟି ଅତି ସୁଖର ହୋଇଥାଆନ୍ତା, କିନ୍ତୁ ଟିକକୁ ସବୁ ବଗଡ଼ି ଯାଇଥିଲା । କନ୍ୟାର ଦୁଶ୍ଚରିତ ପାଇଁ ପିତାମାତାଙ୍କୁ କେତେ କଷ୍ଟ ସହ୍ୟ କରିବାକୁ ହୁଏ ।

* * *

ଆଜି କେବଳ ଅନୁଶୋଚନା । ପିତା ଅନୁଶୋଚନା କରୁଅଛନ୍ତି ମାତା ଅନୁଶୋଚନା କରୁଅଛନ୍ତି ଏବଂ ଭାଇମାନେ ଅନୁଶୋଚନା କରୁଅଛନ୍ତି । କେବଳ ସେହି ବିଧବା ଧବଳବସନ-ପରିହିତା ଦେବୀଟି ସେହି ଘରେ ଗୋଟିଏ ଜ୍ୟୋତିଃପଦ ରହିଗଲେ । ଏହାଙ୍କୁ ଦେଖିଲେ ମନରେ ଭକ୍ତି, ଶାନ୍ତି ଏବଂ ପବିତ୍ରତା ଆସେ । ଏହାଙ୍କ ପାଇଁ ସେ ଘର ଗଳିପଡ଼ି ନାହିଁ । ଏହାଙ୍କ ଯୋଗେ ସେ ଘରେ ଆଜି ପର୍ଯ୍ୟନ୍ତ ଅତିଥିର ଉପଯୁକ୍ତ ସେବା ହେଉଅଛି । ନୋହିଲେ ସେ ଘର ଶ୍ମଶାନରେ ପରିଣତ ହୋଇ ଥାଆନ୍ତା ।

* * *

Digitized by srujanika@gmail.com

ଦେଖାର ଅଛି ଆଉ ଦୁଃଖ ନାହିଁ । ପୁଣ୍ୟର ଜ୍ୟୋତିରେ ତାଙ୍କର ସେହି ତମିସ୍ରାବୃତ ହୃଦୟାକାଶ ପୁନର୍ବାର ଆଲୋକିତ ହୋଇଅଛି । ଦେଖ କୃଷ୍ଣବର୍ଣ୍ଣା ହେଲେ ସୁଦ୍ଧା ବ୍ରହ୍ମଚର୍ଯ୍ୟ ବର୍ମ ଦ୍ୱାରା ଆବୃତ ହୋଇ ଏବଂ ପବିତ୍ରତାର ସୁବର୍ଣ୍ଣ ଥାଳି ହାତରେ ଧରି ଅତି ମନୋହର ଦିଶୁଅଛନ୍ତି ।

* * *

ହାୟରେ ! ଆଜକୁ ପ୍ରାୟ ୧ ବର୍ଷ ହୋଇନାହିଁ ଇତିମଧ୍ୟରେ ଏ ଭୟଙ୍କର ପରିବର୍ତ୍ତନ ଘଟି ଯାଇଅଛି । ସେହି ସତୀ ଅଙ୍ଗ କଲିକତା ମହାନଗରୀରେ ବାରବିଳାସିନୀ ଦଳରେ ଭୁକ୍ତା ହୋଇ ପାପ ପଙ୍କରେ କଳଙ୍କିତ ହୋଇଅଛି । ହାୟରେ ସଂସାର ! ହାୟରେ ନାରୀ ତୋର ହୃଦୟ କ୍ଷୁଦ୍ର ପୁରୁଷର ବୁଝିବାର କି ସାଧ୍ୟ ?

କୋଣାର୍କ ପଥେ ।

୧୯୧୧ ସାଲ । ଏପ୍ରିଲ ମାସର ତା ୬ ରିଖ । ଗ୍ରୀଷ୍ମକାଳ, ବାଲୁକାରାଶି ଦିବା ଦ୍ୱିପ୍ରହର ପର୍ଯ୍ୟନ୍ତ ଉତ୍ତପ୍ତ ରହୁ ଥାଏ । ସେହି ସମୟରେ ପ୍ରାତଃ ୭ ଘଣ୍ଟା ସମୟରେ ନୀଳାଚଳରୁ କୋଣାର୍କ ପଥେ ଶଙ୍କରଙ୍କୁ ସଙ୍ଗରେ ଘେନି ପଦବ୍ରଜରେ ଯାତ୍ରା ଆରମ୍ଭ କଲି ।

ବହୁଦିନରୁ ମୋର କୋଣାର୍କ ଦର୍ଶନ ସ୍ପୃହା ବଳବତୀ ହୋଇ ଥିଲା । ପ୍ରଥମରେ ପୁରୀର ଘାଟଘର ପାଖରେ ଉପନୀତ ହୋଇ ସାଗରର ଉତ୍ତାଳତରଙ୍ଗ ମାଳାର ତର୍ଜନ ଗର୍ଜନ ଶ୍ରବଣ କରି ରାଧାନାଥ ବାବୁଙ୍କୁ ମନେ ପଡ଼ିଲା । ତହିଁ କହିଲି—

"ନୀଳ ପାରାବାର-ଅନ୍ତରେ ଗାଏ ଅମର ଗୀତ
ଅମର ତରଙ୍ଗ ନର୍ତ୍ତନେ ବେଳା ହୁଏ ଧ୍ୱନିତ ।"

Digitized by srujanika@gmail.com

କାହାର ଜୀବନ ସାର୍ଥକ । କାହାର ଜୀବନ ମଧୁମୟ । କାହାର ଭାଷା ଗୀତମୟ । କାହାର ଗାନ କୋକିଳର କଳତାନ ପରି ସ୍ୱାଭାବିକ । ହେ ଭଗବାନ୍ । ମୋତେ କାହିଁକି କବି କଲ ନାହିଁ ?

କିଛିଦୂର ଅଗ୍ରେ ଥିବା "ଯାତ୍ରୀକୂଅ" ଦେଖିଲୁ । ଜନୈକ ତୀର୍ଥଯାତ୍ରୀ ଲୋକମାନଙ୍କର ଦୂରାଗତ ପଥିକମାନଙ୍କର ତୃଷା ନିବାରଣାର୍ଥ ଉପରୋକ୍ତ କୂଅ ଖୋଳାଇ ଯାଇ ଥିଲେ । ଏହାହିଁ ତ ପ୍ରେମ ! ଏହାହିଁ ତ ନିଃସ୍ୱାର୍ଥତା ! ଏହାହିଁ ତ ମନୁଷ୍ୟତ୍ୱ !

କେତେକ ପଥ ଚାଲିଲୁ; ସେହି ପଥରେ ଖୁଣ୍ଟିଅକୂଅର ନିଦର୍ଶନ ଦେଖା ଗଲା । କୂଅ ବର୍ତ୍ତମାନ କାଳ ଗର୍ଭରେ କେଉଁ ଅଜ୍ଞେ ଲୁକ୍କାୟିତ; କେବଳ କେତେ ଗୁଡ଼ିଏ ତାଳଗଛ ସେଠାରେ ସଙ୍ଗୀ-ହୀନ ଭାବରେ ଦଣ୍ଡାୟମାନ ।

ରାସ୍ତା ଅତିକ୍ରମ କରି, ଅଦୂରେ 'ଯେନା ପୋଖରୀ' ଦେଖା ଗଲା । ଶଗଡ଼ିଆମାନେ ଏବଂ ପଲ୍ଲୀବାସୀମାନେ ଏ ପୁଷ୍କରିଣୀ ସନ୍ନିକଟରେ ଆଶ୍ରୟ ଗ୍ରହଣ କରନ୍ତି ଏବଂ ଯେନା ପୋଖରୀର ଜଳରେ ତୃଷା ହରଣ କରନ୍ତି । ଏଠାରେ ହଠାତ୍ ଦେଖିଲୁ ଅପରୂପ ବିଭିନ୍ନରୂପ ସୁଲୋଚନ ହରିଣ ହରିଣୀ । କୋଣାର୍କ ମନ୍ଦିର ପର୍ଯ୍ୟନ୍ତ ଏହି ସମସ୍ତ ନୟନମନ ତୃପ୍ତିପ୍ରଦ ହରିଣ ଦେଖା ଯାନ୍ତି । ଏମାନେ ରାତିରେ ପଲ୍ଲୀଅଞ୍ଚଳରେ ଆଶ୍ରୟ ଗ୍ରହଣ କରି ଥାଆନ୍ତି ।

ବେଳ ପ୍ରାୟ ଏକାଦଶ ଘଟିକା । ବାଲୁକା ଉତ୍ତପ୍ତ ହୋଇ ଆସିଲାଣି । ଜୀବଜନ୍ତୁ ତରୁ ଡାଳେ ବୃକ୍ଷତଳେ ଆଶ୍ରୟ ଲୋଡ଼ିଲେଣି । ଆମ୍ଭେମାନେ ବେଲେଶ୍ୱରଠାରେ ଆସି ଉପନୀତ ହେଲୁଁ । 'ବେଲେଶ୍ୱର' ଏପରି ନାମ ହେବାର କାରଣ ପରମ୍ପରାରୁ ଶୁଣିବାକୁ ମିଳିଲା 'ରାମଚନ୍ଦ୍ର ମହାପ୍ରଭୁ ବନବାସ କରୁଥିବା ସମୟରେ ଏହି ଦେବତାଙ୍କୁ ପୂଜା କରି ଥିଲେ । ଏହି ତାଙ୍କର ପଞ୍ଚ ଅଙ୍ଗୁଳି ଚିହ୍ନ ସେହି ବଡ଼ ଶକ୍ତି

Digitized by srujanika@gmail.com

ଉପରେ ରହିଅଛୁ' । ମୁଁ ଦେଖିଲି ଶଙ୍କର ମୋର ପ୍ରଶ୍ନର ଉପଯୁକ୍ତ ଉତ୍ତର ଦେବାରେ, ଅକ୍ଷମ; ତେବେ ତାଙ୍କ ବିଷୟରେ ଏହି ପୌରାଣିକ ବୃତ୍ତାନ୍ତ ଅବଗତ ହୋଇ ଟିକିଏ ପ୍ରହୃଷ୍ଟ ହେଲି । ଆମ୍ଭେମାନେ ସେଠାରେ ସ୍ନାନାହ୍ନିକ ସମାପନ କରି ଦେବତାଙ୍କୁ ଦର୍ଶନ କରିବା ନିମନ୍ତେ ମନ୍ଦିର ମଧ୍ୟକୁ ପ୍ରବେଶ କଲୁଁ । ଦେଖିଲି ବିଗ୍ରହଟି ଲିଙ୍ଗାକୃତି ଏବଂ ଆକୃତି ଅନୁସାରେ ତାଙ୍କର ନାମକରଣ ହୋଇ ଥିବ ଏହା ଭାବ ସ୍ଥିର କଲି । ଦର୍ଶନ ପରେ ଚୂଡ଼ା, କଦଳୀ, କନ୍ଦ ଗୋଳାଇ ଆନନ୍ଦମନରେ ଶଙ୍କର ଏବଂ ମୁଁ ଏକ ପାତ୍ରରେ ଆନନ୍ଦରେ ଭୋଜନ କଲୁଁ ଏବଂ ସେହିଠାରେ ବିଶ୍ରାମ ନେଲୁଁ । ଶୋଇ ଅଛୁଁ, ଏପରି ସମୟରେ ଦେବତାଙ୍କର ସେବାଦାସ ଆସି ଆମ୍ଭମାନଙ୍କୁ ଉଠାଇଲେ । ଆମ୍ଭେମାନେ ସେହି ସେବାଦାସ ସହିତରେ ବେଳ ୩ପ୍ରହର ପର୍ଯ୍ୟନ୍ତ କଥାବାର୍ତ୍ତା କରି କୋଣାର୍କ ପଥରେ ପୁନର୍ବାର ଅଗ୍ରଗାମୀ ହେଲୁଁ ।

ବେଲେଶ୍ୱର ମନ୍ଦିରଟି ବେଶୀ ବଡ଼ ନୁହେଁ । ମନ୍ଦିରର ଗାତ୍ରରେ ଗୋଟିଏ ଖୋଦିତ ଚିତ୍ର ଦେଖି ଅପାର ଭାବରେ ଚମକିତ ହୋଇ ଥିଲି । ଚିତ୍ରଟି ଏହିପରି;--ପୂର୍ବରେ ମହାଦେବ ଦଣ୍ଡାୟମାନ; ମସ୍ତକରେ ସର୍ପ; ବାମ ଭାଗରେ ପାର୍ବତୀ; ମସ୍ତକର ଦକ୍ଷିଣ ଭାଗରେ ନାରଦ ବୀଣାବାଦନ କରୁ ଅଛନ୍ତି । ଉତ୍କୃଷ୍ଟ ଚିତ୍ର ଶିଳ୍ପ; ଦେଖିଲେ ହୃଦୟରେ ଭକ୍ତି ଶକ୍ତି ଏବଂ ଇନ୍ଦ୍ରିୟ ସଂଯମ ଭାବ ଜାଗ୍ରତ ହୁଏ । ଦକ୍ଷିଣରେ ଗଣେଶମୂର୍ତ୍ତି, ବାମ ହସ୍ତରେ ଲଡ଼ୁ ଧରି ଅଛନ୍ତି, ଅନ୍ୟ ବାମ ହସ୍ତରେ ଯଷ୍ଟି ଧାରଣ କରି ଅଛନ୍ତି; ବାହନ ମୂଷିକ ସନ୍ନିକଟରେ ଅନାଇ ଅଛି । ଗଣେଶ ମୂର୍ତ୍ତିଟି ଦେଖିବାକୁ ଭଲ, ଦେଖିଲେ ଭକ୍ତିର ସଞ୍ଚାର ହୁଏ । ମସ୍ତକରେ ସୁନ୍ଦର ଚୂଡ଼ା । ଗଣେଶର ପୂର୍ବ ପାର୍ଶ୍ୱରେ ଅନ୍ୟ ଗୋଟିଏ ଢାଞ୍ଚରେ ମହାଦେବ ମୂର୍ତ୍ତି । ସେ ବୃଷଭବାହୀ ଏବଂ ଯୋଗମଗ୍ନ । ପଶ୍ଚିମରେ ରୋଷେଇ ଘର । ଉତ୍ତରରେ, ପାର୍ବତୀଙ୍କର ବାମପାର୍ଶ୍ୱରେ, ଅପର ଢାଞ୍ଚରେ ମହାଦେବ ମୂର୍ତ୍ତି; ଦେଖିବାକୁ ସୁନ୍ଦର ହାସ୍ୟ,

Digitized by srujanika@gmail.com

ବୃଷଦବାଗ୍ନି, ଧୂଳାରୂଢ଼, ଏବଂ ମହାତେଜଃ-ପୁଞ୍ଜ- ଶାଳୀ । ସ୍ଥାନଟି ନିର୍ଜନ; ଯୋଗିଋଷିଜନଙ୍କର ଆଶ୍ରମୋପଯୋଗୀ; ଦକ୍ଷିଣ ପୂର୍ବ ଏବଂ ପଶ୍ଚିମ ଦିଗରେ ବଟବୃକ୍ଷ ।

ପ୍ରାୟ ୫ ମାଇଲ ପଥ ଆସି ଗଲୁଁ ସମ୍ମୁଖରେ ଗୋଟିଏ ଅନ୍ତଃସଳିଳା ନଦୀ । ସେ ସ୍ଥାନଟିର ନାମ ଲଥଖିଆ । ପ୍ରବାଦ ଅଛି ଯେ ଏଠାରେ ଜଗନ୍ନାଥମହାପ୍ରଭୁ ଏକ ସମୟରେ ଲଥ ଖାଇଥିଲେ । କିଛିଦୂର ଆସିଥିଲୁଁ ରାମଚଣ୍ଡୀ ଦୃଷ୍ଟି ଗୋଚର ହେଲା । ସ୍ଥାନଟି ନିର୍ଜ୍ଜନ, ଘୋର ଅରଣ୍ୟ ସଦୃଶ ଏବଂ ଭୟଙ୍କର । ଏଠାରେ ଆମ୍ଭେମାନେ ରାତ୍ରିବାସ କରିଥିଲୁଁ । ରାତି ପ୍ରାୟ ୩।ଟା ସମୟରେ ରାମଚଣ୍ଡୀଙ୍କର ପ୍ରସାଦ ପାଇ ଅତି ଆନନ୍ଦିତ ହେଲୁଁ । ଅତି ପ୍ରତ୍ୟୁଷରୁ ଉଠି, କୋଣାର୍କ ମାର୍ଗରେ ଅଗ୍ରସର ହେଲୁଁ । ସେ ଦିନ ଏପ୍ରିଲ ୭।୧୯୧୧ ସୋମବାର ।

ଗଲୁଁ ୨ କୋଣାର୍କ ଦେଉଳର ନିକଟବର୍ତ୍ତୀ ହେଲୁଁ । ପ୍ରଥମରେ ଛତ୍ରସ୍ଥ ଦେବତା ଦର୍ଶନରେ ପ୍ରୟାସୀ ହୋଇ ଶୀଘ୍ର ଧାବନ କରି ଶୁଦ୍ଧ ମନରେ ନିରାକାର ନିରଞ୍ଜନଙ୍କୁ ଦର୍ଶନ କଲୁଁ । ସେଠାରେ ଜଣେ ଓଡ଼ିଆ ବାବାଜୀ ଅଛନ୍ତି । ସେ ଅତି ମିଷ୍ଟାଳାପୀ । ମୋତେ ସେ ଅନେକ କଥା କହିଥିଲେ । ସେ ସମସ୍ତ ନିମ୍ନରେ ସଂକ୍ଷେପରେ ବର୍ଣ୍ଣିତ ହେଲା ।

ଭଗବାନ୍ ସେ ସ୍ଥାନରେ ଅର୍କ ଦୈତ୍ୟକୁ ବଧ କରି ଥିଲେ ସେଥି ସକାଶ ସେ ସ୍ଥାନର ନାମ କୋଣାର୍କ ହୋଇ ଅଛି । କୋଣାର୍କ ମନ୍ଦିରର ପ୍ରାୟ ଦୁଇ ମାଇଲ ଦକ୍ଷିଣରେ ଚନ୍ଦ୍ରଭାଗା ତୀର୍ଥ ।

ଲାଙ୍ଗୁଳା ନରସିଂହ ଦେବଙ୍କର ମନ୍ତ୍ରୀ ଶିବସାମନ୍ତରାୟ କୋଣାର୍କ ମନ୍ଦିର ନିର୍ମାଣ କରାଇ ଥିଲେ । ମନ୍ଦିରଟି ଅତି ସୁନ୍ଦର । ଜୀବନରେ ଏପରି ଅଦ୍ଭୁତ ଗୋଟିଏ ଦେଖି ନ ଥିଲି ଏବଂ ଭବିଷ୍ୟତରେ ଯେ ଦେଖିବି ଏପରି ଭାବନା ମଧ୍ୟ କରି ପାରେ ନା । ଯେଉଁ ଦିନ

Digitized by srujanika@gmail.com

କୋଣାର୍କର ଖଣ୍ଡିଏ ପ୍ରସ୍ତର ରହିଥିବ ସେତେ ଦିନ ଯାଏଁ ଓଡ଼ିଆ-ମାନଙ୍କର ଗୌରବ ଲୁପ୍ତ ହେବ ନାହିଁ । ନବଗ୍ରହ ମୂର୍ତ୍ତିଟିକୁ ଦେଖି ମୋର ମନରେ ଯେଉଁ ଭାବ ଜାଗ୍ରତ ହୋଇଥିଲା ତାହା କିରୂପ ବର୍ଣ୍ଣନା କରିବି ? ଓଡ଼ିଆମାନେ ଯେ ଏତେ ଦୂର ଉନ୍ନତି ଲାଭ କରିଥିଲେ ତାହା ଅଛି ସ୍ୱପ୍ନରେ ସୁଦ୍ଧା ଭାବ ହେଉ ନାହିଁ । ମନ୍ଦିର ଦେହରେ ଯେଉଁ ସବୁ ଚିତ୍ର ଅଛି ସେ ସବୁ ଏତେ ଦୂର ଅଶ୍ଳୀଳତା ଦୋଷଯୁକ୍ତ ଯେ ସେ ସବୁ ଦେଖି ମୋର ଚକ୍ଷୁରୁ ଲୋତକଧାରା ବହିଗଲା । ମନୁଷ୍ୟ ଏତେ ଦୂର ବିଳାସରେ ମତ୍ତ ହୋଇ ପାରେ ? କେତେ ହୀନ ଅଦ୍ଭୁତ୍ ରୁଚି ! କିନ୍ତୁ ତଥାପି କି ବିଚିତ୍ର ଶିଳ୍ପ କୌଶଳ !

ନବଗ୍ରହମାନଙ୍କର ନାମ ଯଥାକ୍ରମେ ରବି, ଚନ୍ଦ୍ର, ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର, ଶନି, ରାହୁ, କେତୁ । ନବଗ୍ରହ ମୂର୍ତ୍ତିର ପ୍ରସ୍ତରଟି ସୁନୀଳ ବର୍ଣ୍ଣ । ଦୈର୍ଘ୍ୟରେ ୧୨ ହାତ ଏବଂ ପ୍ରସ୍ଥରେ ପ୍ରାୟ ୨ହସ୍ତ ପରିମିତ ।

କୋଣାର୍କରେ ରହିବାର ଏକ ପ୍ରକାର ସୁବିଧା ଅଛି । ସାହେବମାନଙ୍କର ରହିବା ନିମନ୍ତେ ଦିବ୍ୟ ଘର ନିର୍ମିତ ହୋଇଅଛି ।

ମୁଁ ଯେତେବେଳେ କୋଣାର୍କ ଯିବା ପାଇଁ ପୁରୀର ଲୋକମାନଙ୍କୁ କହିଥିଲି ସେତେବେଳେ ସେମାନେ କହିଲେ 'ଓଃ ! ଏଡ଼େ ଖରା-ସମୟରେ କିପରି ପଦବ୍ରଜରେ କୋଣାର୍କ ଯିବ ? ଯଦି ଯିବାର ଏକାନ୍ତ ଇଚ୍ଛା ଥାଏ ତାହାହେଲେ ଗାଡ଼ିରେ ଯାଅ ।' ମୁଁ କିନ୍ତୁ ତାହାର କଥା ନ ଶୁଣି ହାତରେ କେବଳ ଯୋଡ଼ିଏ ଠେଙ୍ଗା ଧରି ବାହାରିଲି । ଆଉ ଏକ ଯାତ୍ରାରେ କୋଣାର୍କ, କାକଟପୁର, ଗୋପ ଇତ୍ୟାଦି ବହୁସ୍ଥାନ ଭ୍ରମଣ କରି ନିର୍ବିଘ୍ନରେ ପୁଣି ଫେରି ଆସିଥିଲି । ବାସ୍ତବିକ ମନ ଥିଲେ ସବୁ ହୁଏ କେବଳ ଧନ ଥିଲେ କିଛି ହୋଇ ପାରେ ନା ।

Digitized by srujanika@gmail.com

ହେ ଉତ୍କଳବାସୀ ! ଅସ, ବାରେ କୋଣାର୍କ ଦେଖି ଯାଅ । ତୁମ୍ଭର ପୂର୍ବ ପୁରୁଷମାନଙ୍କର ଗୌରବ ନିଦର୍ଶନ ଦେଖି ଧନ୍ୟ ହୁଅ । ଯେଉଁ ଦିନ ସ୍କୁଲ ଛାତ୍ରମାନେ କୌଣସି ଦୀର୍ଘ ଅବକାଶରେ କେତେକ ଜଣ ଏକତ୍ର ମିଳିତ ହୋଇ କୋଣାର୍କ ଦର୍ଶନରେ ବର୍ଷେ ବହିର୍ଗତ ହେବେ, ସେ ଦିନ ଓଡ଼ିଶାର ଉନ୍ନତିର ମୂଳ ପତ୍ତନ ହେଲା ବୋଲି ଜାଣିବ ।

ସ୍ୱାର୍ଥ ତ୍ୟାଗ ।

ନିଷାଦରାଜ ହିରଣ୍ୟ ଧନୁର ପୁତ୍ର ଏକଲବ୍ୟ ସ୍ୱାର୍ଥ ତ୍ୟାଗର ଯେଉଁ ଜ୍ୱଳନ୍ତ ଦୃଷ୍ଟାନ୍ତ ଦେଖାଇ ଯାଇ ଅଛନ୍ତି, ତାହା ଜଗତର ଚତ୍ରରେ ଅତୁଳନୀୟ । ଏକଲବ୍ୟ ଅସ୍ତ୍ରବିଦ୍ୟାପାରଙ୍ଗ ଦ୍ରୋଣାଚାର୍ଯ୍ୟଙ୍କ ନିକଟରେ ଅସ୍ତ୍ରବିଦ୍ୟା ଶିକ୍ଷାର୍ଥ ସମୁପସ୍ଥିତ ହୋଇ ଯେତେବେଳେ ତାଙ୍କର ଶିଷ୍ୟତ୍ୱ ଲାଭ କରି ନ ପାରି ଅବସନ୍ନ ଚିତ୍ତରେ ଅରଣ୍ୟକୁ ପ୍ରସ୍ଥାନ କଲେ ଏବଂ ସେଠାରେ କାଷ୍ଠମୟ ଦ୍ରୋଣ ନିର୍ମାଣ କରି ପ୍ରଗାଢ଼ ଅଧ୍ୟବସାୟ ସହକାରେ ତାଙ୍କୁ 'ମୋର ଗୁରୁ' ବୋଲି ଏକଚିତ୍ତରେ ଧ୍ୟାନ କରୁଥିଲେ ସେ ଦୃଶ୍ୟ ଜଗତର ଅନ୍ୟତ୍ର କାହିଁ ମିଳିବ ? ଏହି ଘୋର ଗୁରୁବିଶ୍ୱାସରେ ସେ ଅଳ୍ପସମୟ ମଧ୍ୟରେ ସକଳ ଧନୁର୍ବିଦ୍ୟାରେ ମହା ପାରଦର୍ଶିତା ଲାଭ କଲେ ।

ଏଣେ ଅସ୍ତ୍ରଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ସହିତ ପାଣ୍ଡବମାନେ ଦିନେ ମୃଗୟାର୍ଥ ବହିର୍ଗତ ହୋଇ ଏକଲବ୍ୟଙ୍କର ତପୋବନରେ ଉପସ୍ଥିତ ହେଲେ । ସେମାନଙ୍କ ସହିତରେ ଗୋଟିଏ ଶ୍ୱାନ ଯାଇଥିଲା । ସେହି ଶ୍ୱାନଟି ସ୍ୱଭାବଜାତ ଚିତ୍କାର କରି ଏକଲବ୍ୟର ଆଶ୍ରମ ଅଡ଼କୁ ଧାବିତ ହୁଅନ୍ତେ, ସିଦ୍ଧକାମୀ ଏକଲବ୍ୟ ଆଶ୍ରମର ଶାନ୍ତିଭଙ୍ଗର ଶଙ୍କାକରି କେତେଗୁଡ଼ିଏ ଶର ସେହି କୁକ୍କୁର ପ୍ରତି ନିକ୍ଷେପ କରି ତାହାର ମୁଖବନ୍ଧନ କରି ଦେଲେ । କୁକ୍କୁର ଆଉ ଚିତ୍କାର କରି

Digitized by srujanika@gmail.com

ପାରିଲା ନାହିଁ । ଅସ୍ତ୍ରନିପୁଣ ଅର୍ଜ୍ଜୁନ ଏହା ଦେଖି ସ୍ତମ୍ଭୀଭୂତ ହୋଇ ରହିଲେ ଏବଂ ଏ ବିଦ୍ୟା ସେ ଲାଭକରି ପାରିନାହାନ୍ତି ଏହା ଜାଣି ମନରେ ଅତ୍ୟନ୍ତ କଷ୍ଟ ଅନୁଭବ କଲେ ଏବଂ ଈର୍ଷ୍ୟାପରବଶ ହୋଇ ଦ୍ରୋଣାଚାର୍ଯ୍ୟଙ୍କୁ ଏବିଷୟ ଜଣାଇଲେ । ଦ୍ରୋଣ ପ୍ରିୟତମ ଶିଷ୍ୟର ଏହି ବିଷଣ୍ଣଭାବ ଦେଖି ଏକଲବ୍ୟର ଆଶ୍ରମକୁ ଉପନୀତ ହୋଇ ସବୁବୃତ୍ତାନ୍ତ ଅବଗତ ହେଲେ ଏବଂ ଜାଣିଲେ ଯେ ସେ ତାଙ୍କର ପ୍ରତ୍ୟାଖ୍ୟାତ ଏକଲବ୍ୟ ।

ଦ୍ରୋଣ ଏକଲବ୍ୟର କୃତକାର୍ଯ୍ୟତା ଦେଖି ଗୁରୁଦକ୍ଷିଣା ମାଗିଲେ । ଗୁରୁଭକ୍ତ ଏକଲବ୍ୟ ଏହା ପ୍ରତ୍ୟାଖ୍ୟାନ କରିନପାରନ୍ତି । ତେଣୁ ଭକ୍ତି ବିନମ୍ର କଣ୍ଠରେ କହିଲେ " ଗୁରୁଦେବ,, ମୁଁ କି ଦକ୍ଷିଣା ଦେଇ ପାରିବି ? ଦ୍ରୋଣାଚାର୍ଯ୍ୟ କହିଲେ" ତୋର ଦକ୍ଷିଣଅଙ୍ଗୁଷ୍ଠ ମୋତେ ଦକ୍ଷିଣା ସ୍ୱରୂପ ପ୍ରଦାନ କର୍" । ଅଜ୍ଞାତରେ ଅକୁଣ୍ଠିତ ଚିତ୍ତରେ ଭକ୍ତ ପ୍ରବୀର ଅଟଳ ବିଶ୍ୱାସୀ ଏକଲବ୍ୟ ଦକ୍ଷିଣଅଙ୍ଗୁଷ୍ଠ କର୍ତ୍ତନ କରି ଭକ୍ତିର ସହିତ ଦ୍ରୋଣଙ୍କୁ ପ୍ରଦାନ କଲେ । ଅହୋ ! କି ସ୍ୱାର୍ଥ ତ୍ୟାଗ ! ଉଃ କି ପରଶ୍ରୀକାତରତା ! କି ବିଦ୍ୱେଷପୂର୍ଣ୍ଣ ଯଶୋଲିପ୍ସା ! ମନୁଷ୍ୟ ତୁମେ ଦେବ ପୁଣି ତୁମେ ଦାନବ । ଅର୍ଜ୍ଜୁନ ତୁମର ଅଭିଲାଷ ପୂର୍ଣ୍ଣ ହୋଇଅଛି ତ ? ଚିରକାଳ ପାଇଁ ଏହି ଅପଯଶ ତୁମର ଯଶ ପସାରେ ରହିଯାଇଅଛି ପରା !

ସରସ୍ୱତୀ ପ୍ରତି ।

ଉଠ ମା ଉଠ, ଦୀନହୀନ ଦୁଃଖୀସନ୍ତାନମାନଙ୍କର ହୃଦୟ କନ୍ଦରେ ଜାଗ ! ମା ! ଅନେକଦିନ ପରେ ଆଜି ତୁମ୍ଭେ ଏ ଶିକ୍ଷାଧାମରେ ମୂର୍ତ୍ତି ପରିଗ୍ରହ କରି ଅବତୀର୍ଣ୍ଣା ହୋଇଅଛ । ଦେବୀଜନନି ! ଆମ୍ଭେମାନେ ତୁମ୍ଭ ଚରଣତଳେ ମସ୍ତକ ରଖୁଅଛୁଁ, ଆମ୍ଭମାନଙ୍କୁ ଆଶୀର୍ବାଦ

Digitized by srujanika@gmail.com

କର ସୁଖୀ କରୁଅ । ଅମ୍ଭମାନଙ୍କର ହୃଦୟର କଣ୍ଠ ବାଜନ୍ତୁ, ଅମ୍ଭେମାନେ ପ୍ରେମପର ଅନନ୍ଦରେ ନାଚି ଉଠୁଁ ଏବଂ ଅମ୍ଭମାନଙ୍କର ପ୍ରାଣ ଯେପରି ସୁଖରେ ଦ୍ରବୀଭୂତ ହୋଇଯାଉ ।

କିଏ ତୁମ୍ଭେ ମା ? କେଉଁ ସ୍ୱର୍ଗର ସ୍ନେହମୟୀ ଜନନୀ କି ମା କେଉଁ ସ୍ୱର୍ଗର ଅଦରର ଗୃହଲକ୍ଷ୍ମୀ ବା ରାଜଲକ୍ଷ୍ମୀ ? ମା ! ଅମ୍ଭେମାନେ କିଛି ଜାଣୁନା । କିନ୍ତୁ ଅମ୍ଭେମାନେ ଏତିକରେ ସୁଖୀ ଯେ ତୁମ୍ଭେ ମନୁଷ୍ୟଙ୍କୁ ଆଶୀର୍ବାଦ କରୁଅଛ ଏବଂ ବାଣୀରୂପେ ଓ ଶଦ୍ଧାରୂପେ ତାହାର କଣ୍ଠ ଦେଶରେ ବସିଅଛ । ସେଥିପାଇଁ ବାଲ୍ମୀକି ଅଜାଲୁ କେତେସହସ୍ର ବର୍ଷ ଅତୀତ ହୋଇଗଲା ତୁମ୍ଭ କୃପାରୁ ସଂସାରକୁ ତୃପ୍ତ କରିଥିଲେ, ତାଙ୍କର ସାଧୁସ୍ନିଗ୍ଧ ଚିତ୍ତର ସଙ୍ଗୀତ ସେଥିପାଇଁ ବଣବାସୀଙ୍କୁ ଅଜ ଯାଏ ମୁଗ୍ଧ କରୁଅଛି ଏବଂ କେତେକାଳ ଯେକରିବ ତାହାର ଇୟତ୍ତା ନାହିଁ ।

ମା, ଅମ୍ଭେମାନେ ତୁମ୍ଭର ଏହି କେତୋଟି ସନ୍ତାନ ଏଠାରେ ଅଜ ଏକଥ ସମ୍ମିଳିତ ହୋଇ କି ଏକାଗ୍ର ଚିତ୍ତରେ କି ସମବେତ ଚେଷ୍ଟାରେ ତୁମ୍ଭ ଦୁଆରରେ ଭିଖାରୀ ହୋଇଅଛୁଁ ତାହାକି ତୁମ୍ଭେ ଦେଖୁନାହଁ ? ଅବଶ୍ୟ ଦେଖୁଅଛ, ଅବଶ୍ୟ ଆଶୀର୍ବାଦ କରିବ । ଏହି ଆଶା— ଏମଧୁମୟୀ ଆଶା ଅମ୍ଭମାନଙ୍କର ଅଛି ବୋଲି ଅଜ ଅମ୍ଭେମାନେ ଏହି ପୂଜାର ଅୟୋଜନ କରିଅଛୁଁ । ଯଦି ତୁମ୍ଭେ ଅମ୍ଭମାନଙ୍କୁ ଛାଡ଼ି ଦୂରଦେଶାନ୍ତରକୁ ଚାହ, ତେବେ କିଏ ମା! ଅଜ ଅମ୍ଭମାନଙ୍କ ମସ୍ତକରେ ପୁଷ୍ପଚନ୍ଦନ ବୃଷ୍ଟି କରିବ । ମା, ଅଉ କେତେକାଳ ଅମ୍ଭେମାନେ ମୂର୍ଖ, ହୀନ, ଅନଭିଜ୍ଞ ହୋଇ ପଶୁଠାରୁ ଅଧମହୋଇ ଏସଂସାରରେ ବିଚରଣ କରିବୁ ? ହାୟରେ କବିଂଦ ବିଷାଦରେ ଗାଇଅଛି

“ହେ ବୀଣାପାଣି ! କେଉଁ ପାପଫଳେ
କରୁଣା ହୋଇବ ଲୀଣା ଏ ଉତ୍କଳେ ?”

Digitized by srujanika@gmail.com

ମା, ମା, ଏ ଦୁଃଖୀ କବିର ଏ ମର୍ମସ୍ପର୍ଶୀ ନିନାଦ ଶୁଣି ପାରୁନାହଁ କି ? ଯଦି ଆମ୍ଭେମାନେ ଅଧମ ହୋଇ ଅଛୁଁ, ତାହିଁର ଅନ୍ତ କଏ ? ତୁମ୍ଭେ ଯେ ଏକମାତ୍ର ଅଧମତାରଣ, ଅଗତିର ଗତି ତୁମ୍ଭେ, ଜୀବର ମୁକ୍ତିଦାତ୍ରୀ ତୁମ୍ଭେ, ପ୍ରାଣର ସୁଖଦାତ୍ରୀ ତୁମ୍ଭେ ଏବଂ ଅନ୍ତର ଚିର ସଙ୍ଗିନୀ ତୁମ୍ଭେ । ଦେଖ ! ଏହି ଯେ କଳକଣ୍ଠରେ ପକ୍ଷୀ ସୁମଧୁର ଗାନ କରୁଅଛି, ସେ କାହାର ଆଶୀର୍ବାଦରେ ? ଆମ୍ଭେମାନେ କି ଏତେଦୂର ହୀନ ହୋଇଅଛୁଁ ଯେ ତୁମ୍ଭେ ଆମ୍ଭମାନଙ୍କୁ ସେ କଳକଣ୍ଠ ଦେଉନାହଁ ? ବାସ୍ତବିକ ଆମ୍ଭେମାନେ ନରାଧମ, କାରଣ ଆମ୍ଭେମାନେ ସଦାସର୍ବଦା ଅହଙ୍କାର, ଷପୃନ, ବିହାର, ଈର୍ଷ୍ୟା, ପରଶ୍ରୀକାତରତା ଏବଂ ସ୍ୱାର୍ଥପରତାରେ ମତ୍ତହୋଇ ବାଗ୍‌ଦେବୀର ଚରଣପୂଜା ଭୁଲି ଯାଇଁ କ୍ଷଣିକ ସୁଖ ଭୋଗ ଏବଂ ଚିରକାଳ ପାଇଁ ଅନ୍ଧକାର ବାସର ପନ୍ଥା ପରିଷ୍କାର କରୁଅଛୁ ସିନା ।

ମା, ଆଜି ଶୁଭଦିନ ଦେଖି ଏ ମର୍ତ୍ତ୍ୟ ଧାମକୁ ଓହ୍ଲାଇ ଆସିଅଛ । ଆମ୍ଭମାନଙ୍କର କଅଣ ଅଛି ମା ଆମ୍ଭେମାନେ ତୁମ୍ଭକୁ ଦେବା ? କିଛି କି ଦେଇନାହଁ ମା, ? ଯାହାଦେଇଅଛ, ତାହା ଅତି ଆଦରର-ସହିତ ଆଜି ତୁମ୍ଭର ଚରଣରେ ଢାଳିଦେବାପାଇଁ କୁଣ୍ଠିତ ନୋହୁଁ ମା; କିନ୍ତୁ ମା ଆମ୍ଭମାନଙ୍କୁ କଅଣ ଦେଇଅଛ ? ଲେଖନୀ ନିଃସୃତ ହେଉନାହିଁ, ମୁଖରୁ ବାକ୍ୟ ସ୍ଫୁରୁନାହିଁ କିମ୍ବା ଚିନ୍ତାର ସ୍ଫୂର୍ତ୍ତି ହେଉନାହିଁ । ପବିତ୍ରତାର ଅନ୍ୱେଷ ନାହିଁ ବୋଲି ମା ଏପରି ହେଉଅଛି ନା କଅଣ ? ସତ୍ୟକଥା, ଏହା ଧ୍ରୁବସତ୍ୟ । ଆମ୍ଭେମାନେ ନିତାନ୍ତ ଅପବିତ୍ର ହୋଇଅଛୁଁ, ଏ ସଂସାରର କୁଚକ୍ରରେ ପଡ଼ି ମନୁଷ୍ୟର ଦେଶ ଜ୍ୱାଳା ଭୋଗକରି କରି ଆମ୍ଭମାନଙ୍କର ପ୍ରାଣ ଏକାବେଳେକେ ନିର୍ଜୀବ ହୋଇ ପଡ଼ି ରହିଅଛି । ଯାହାହେଉ ଆଜି ଦୁଃଖ କହିବାର ଦିନ ନୁହେଁ । ଆଜି ମା ଆସି ଥିଲେ ବୋଲି ଘରଘରେ ଆନନ୍ଦର ମଙ୍ଗଳ ବାଜିଉଠୁଅଛି ଅତଏବ ଆମ୍ଭେମାନେ ମଧ ସେହି ବାଦ୍ୟ ସହିତରେ

Digitized by srujanika@gmail.com

ଅମ୍ଭମାନଙ୍କର ନିର୍ଜୀବ ପ୍ରାଣର ତାରକୁ ବଜାଇ ଦେବା । ବନ୍ତୁ ଯେ ପର୍ଯ୍ୟନ୍ତ ମା ! ତୁମ୍ଭର ସେହି ସ୍ବଚ୍ଛ ଶୁଭ୍ରଜ୍ୟୋତି ଅମ୍ଭମାନଙ୍କର ଅନ୍ତ-ସ୍ଥଳରେ ପ୍ରବେଶ ନକରି ଅଛି, ଯେ ପର୍ଯ୍ୟନ୍ତ ଅମ୍ଭମାନଙ୍କର ହୃଦୟକୁ ତୁମ୍ଭର ବୀଣା ସ୍ପର୍ଶ ନ କରିଛି, ସେପର୍ଯ୍ୟନ୍ତ ଅମ୍ଭମାନଙ୍କର ଆଶାଭରସା ଏକାବେଳକେ ବିସ୍ମୃତିଜଳରେ ନିକ୍ଷେପକରି ବସିରହିଥିବୁଁ । ଦୁଃଖର ସାଗରରେ ସନ୍ତରଣ କରୁଥିବୁଁ । ମା, ମା, ନିତାନ୍ତ ଏକା, ମୁଁ ଏହି ଭୀଷଣ ବାତ୍ୟାନ୍ଦୋଳିତ ଭବ ସମୁଦ୍ରରେ ନିତାନ୍ତ ଏକା, ଆସ ମା ଆସ, ଏଅଭାଗାକୁ ସାହାଯ୍ୟ ପ୍ରଦାନ କର, ମା ଏ ଅପବିତ୍ର ଅଧମ ସନ୍ତାନର ଅଞ୍ଜଳି ଗ୍ରହଣ କର ମା । ଅତି ଆଦରରେ, ଭକ୍ତି ଧୌତ ଏହି ବାକ୍ୟପୁଷ୍ପ-ପୁଞ୍ଜ ତୁମ୍ଭର ଚରଣ ସରୋଜରେ ଅତି ନମ୍ର-ଭାବ ସହିତ ରଖି ଦେଉ ଅଛି । ଗୋଡ଼ରେ ଦୂରକୁ ନିକ୍ଷେପ କରନା ମା ।

ଏ ଫୁଲ ତୁମ୍ଭର ବଗିଚାର ଫୁଲ ମା । ଏହା ଆଉ କାହାର ବଗିଚାରେ ଫୁଟେ ନାହିଁ ମା । ଏହା ମୁ ତୁମର ବଗିଚାରୁ ଅଳକୁ ଷୋଡ଼ଶ ବର୍ଷାଧିକ କାଳ ସଞ୍ଚୟ କରୁ ଥିଲି । ଅଜି ସୁବିଧା ପାଇ ତୁମ୍ଭର ଦର୍ଶନ ଲାଭ କରି ଅଜି ଗାଢ଼ଭକ୍ତି ଭରେ ସେ ସମସ୍ତ ପୁଷ୍ପ ଦ୍ୱାରା ପ୍ରସ୍ତୁତ ଏହି ମାଳା ତୁମ୍ଭର ପାଇଁ ଗୁନ୍ଥି ଅଛୁ । ଶୁଷ୍କ ହୋଇ ଯାଇ ନାହିଁ—ମୁଁ ପୁଷ୍ପକୁ ସବୁବେଳେ ଜଳରେ ବୁଡ଼ାଇ ରଖି ଥିଲି । ଏବଂ ଭଗବାନଙ୍କ ଆଶୀର୍ବାଦରେ ସେହି ସମସ୍ତ ପୁଷ୍ପରାଜି ଅଜି ପର୍ଯ୍ୟନ୍ତ ନିର୍ମଳ ଏବଂ ସୌରଭଯୁକ୍ତ ହୋଇ ରହି ଅଛି । ଅତଏବ ମା ! ଗ୍ରହଣ କର ଅଭାଗାର ଅତି ଆଦରରେ ଗୁନ୍ଥା ଏହି ଫୁଲମାଳ ଗ୍ରହଣ କର ନତୁବା ଏ ଅଭାଗାର ସୁଖ ନାହିଁ ବା ଶାନ୍ତି ନାହିଁ ।

ମା, ମହା ସମୁଦ୍ରରେ ପଡ଼ି ଅମ୍ଭେମାନେ ତୁମ୍ଭଙ୍କୁ ଭୁଲି ରହି ଅଛୁଁ । ତୁମ୍ଭକୁ ଚିହ୍ନିବାର ଅମ୍ଭମାନଙ୍କର ଶକ୍ତି ନାହିଁ । ଅମ୍ଭେମାନେ ଅମ୍ଭମାନଙ୍କର ମାଙ୍କୁ ଭୁଲି ଯାଇ ଅଛୁଁ, ହାୟରେ ଅମ୍ଭମାନଙ୍କୁ ଧିକ୍ ।

Digitized by srujanika@gmail.com

ହେ ଭାଇମାନେ ଆସ । ଯେଉଁ ଦିନ ଗଲା ଯାଇ ଅଛି ସେଥିପାଇଁ ଆଉ ବୃଥା ଭାବନା କରିବାରେ ଫଳ ନାହିଁ । ଆଜି ମାଙ୍କର ପୂଜା ପାଇ ଅଛୁଁ । ଆଜି ତାଙ୍କୁ ଗଡ଼ବୁଁ ନାହିଁ । ଆଜି ଆମ୍ଭମାନଙ୍କର ସବୁ ଦୋଷ ତାଙ୍କଠାରୁ ଭିକ୍ଷା ମାଗି ନେବୁଁ । ନିଶ୍ଚୟ ସେ ସୁପ୍ରସନ୍ନା ହେବେ । ନିଶ୍ଚୟ ସେ ଆମ୍ଭ ଆଡ଼କୁ ମୁଖ ଫେରାଇ କରୁଣା ଦୃଷ୍ଟି ପକାଇବେ । ନିଶ୍ଚୟ ଏହି ଦୀନା ଓଡ଼ିଶା ପୁନର୍ବାର ବୀଣାର ଝଙ୍କାରରେ ପୂର୍ଣ୍ଣ ହୋଇ ଉଠିବ ।

ହେ ଭାଇ ମାନେ ! ଦେଖ ଆଜି ଆମ୍ଭମାନଙ୍କର କି ପୁଣ୍ୟର ଫଳ । ଆଜି ଆମ୍ଭେମାନେ, କେତୋଟି ପ୍ରାଣ ଏକତ୍ର ସମ୍ମିଳିତ ହୋଇ ମାଙ୍କର ଚରଣ ପୂଜାରେ ନିମଗ୍ନ ହୋଇ ଅଛୁଁ । ଆହା ଏ ଦୃଶ୍ୟ କି ମଧୁର, ଏ ଦୃଶ୍ୟ କି ମନୋହର, ଏବଂ ଏଦୃଶ୍ୟ ସ୍ୱର୍ଗରେ ମିଳିବ ନାହିଁ, ଅତଏବ ହେ ଦେବତା ବୃନ୍ଦ ! ସ୍ୱର୍ଗରୁ ଓହ୍ଲାଇ ଆସ । ଦେଖି ଯାଅ, ଆଜି ଅଭାଗାଦୀନ ହୀନ ସନ୍ତାନମାନେ ସେମାନଙ୍କର ବହୁକାଳର ହଜାଇ ଥିବା ମାଙ୍କର ମୁଖ ଦର୍ଶନରେ କେଡେ ଅହ୍ଲାଦିତ ହୋଇ ଅଛନ୍ତି । ଆଜି ଆନନ୍ଦରେ ସେମାନଙ୍କର ଚକ୍ଷୁରୁ ଲୋତକ ଦୁଇ ଗଣ୍ଡ ଦେଇ ବହି ଯାଉ ଅଛି । ହେ ଭାଇମାନେ, ଆଜି ଛାଡ଼ିବା ନାହିଁ । ଆମ୍ଭମାନଙ୍କୁ ଆଶୀର୍ବାଦ କରିବା ପାଇଁ, ଆମ୍ଭମାନଙ୍କୁ ଦେଖା ଦେବା ପାଇଁ, ଏବଂ ଆମ୍ଭମାନଙ୍କୁ ବର ଦେବା ପାଇଁ ଆଜି ମା ସ୍ୱର୍ଗରୁ ଓହ୍ଲାଇ ଆସି ଅଛନ୍ତି, ଯାହାର୍ ଯେଉଁ ବର ଦରକାର ଏହି ସମୟରେ ମାଗି ନିଅ । କାଲି ଆଉ ଏପରି ଦିନ ଆସିବ ନାହିଁ । ଯା ମାଗିବାର ଆଜି ମାଗି ନିଅ, ଯାହା ପୂଜିବାର ଆଜି ପୂଜି ନିଅ, ଯାହା ଦେଖିବାର ଆଜି ଦେଖି ନିଅ, ଯାହା କାନ୍ଦିବାର ଆଜି କାନ୍ଦି ନିଅ । ଆଜି ଦିନପରି ଏ ବର୍ଷ ମଧ୍ୟରେ ଆଉ ଏପରି ଦିନ ପାଇବ ନାହିଁ । ଯେ ଆଜି ଦିନ ହରାଇବ ସେ ଅତି ମନସ୍ତାପ କରିବ । ସେ ନିତାନ୍ତ ଅଭାଗା—ତାହାର ଜୀବନ ଦୁଃଖମୟ—ତାହାର ପ୍ରାଣ ଜଡ଼ମୟ । ମା, ଏହା

Digitized by srujanika@gmail.com

ଦେଖ, ଅଜି ପୀନ ବ୍ରାହ୍ମ ସମସ୍ତେ ମସ୍ତକରେ ଅଞ୍ଜଳିବଦ୍ଧ ହୋଇ ତୁମ୍ଭର ଚରଣ ତଳେ ବସି କ ମନ୍ତ୍ରୋଚ୍ଚାରଣ କରୁ ଅଛନ୍ତି । ସେମାନଙ୍କର ସୁହାର ଶୁଣ ମା । ଅମ୍ଭମାନଙ୍କର ସୁହାର ଶୁଣ ମା । କବିଛନ୍ଦରେ ତୋଳି କ ମଧୁର ଗାନ ଗାଉ ଅଛନ୍ତି, ଅଜ ଚନ୍ଦ୍ରମାର ଆଲୋକ କେତେ ନିର୍ମଳ ଏବଂ ନୀରବ ଭାବରେ ହାସ୍ୟ କରୁ ଅଛନ୍ତି । ଆହା ଏପରି ଦିନ କଣ ଚିର ଦିନ ହେବ ନାହିଁ ମା ? ମା ତୁମ୍ଭର ନନ୍ଦନ କାନନ ଯେଉଁମାନେ ଦେଖି ପାରୁଛନ୍ତି, ଆହା ନ ଜାଣି ସେମାନେ କେତେ ସୁଖୀ । ହାତୃତରେ ଅମ୍ଭମାନେ ସେତେବେଳେ ଏହି ଅନିର୍ବଚନୀୟ ସୁଖ ଅନୁଭବ କରୁଅଛୁଁ ସେମାନେ ନ ଜାଣେ କି ଅପୂର୍ବ ସୁଖ ଅନୁଭବ କରୁ ପାରୁଛନ୍ତି; ସେମାନେ ଧନ୍ୟ, ଅମ୍ଭେମାନେ ହତଭାଗା । କିନ୍ତୁ ହତଭାଗାଙ୍କୁ ତୁମ୍ଭେ ଚାହିଁଲେ ନିଶ୍ଚୟ ସେମାନଙ୍କର ଭାଗ୍ୟ ଫେରି ଯିବ । ସେମାନେ ମଧ୍ୟ ପଞ୍ଚମରେ ତାନ ଧରି ପୃଥିବୀକୁ ମଧୁମୟ ସଙ୍ଗୀତରେ ମୁଗ୍ଧ କରି ଦେବେ; ମା ଆଜ ତୁମ୍ଭର ଦତ୍ତ ଅମୃତ ପାନ କରି ଅମ୍ଭେମାନେ ଅତି ସୁଖୀ ହୋଇ ପାରୁଁ । ତୁମ୍ଭର ବାଲ ଦୋଷପାଇ ପାରମ୍ଭମାନେ ତୁମ୍ଭଙ୍କୁ ମା ଗୋ ବୋଲି ହୃଦୟର ଅନ୍ତରରୁ ଡାକ ଅଛୁଁ ଏବଂ ବର୍ତ୍ତମାନ ପୂଜା ଡାକୁ ପାରୁଁ ।

ମା ! ବର୍ତ୍ତମାନ ଏତିକ ଭିକ୍ଷା ଯେ ଅମ୍ଭମାନଙ୍କୁ ଯେପରି ସୁମତି ପ୍ରଦାନ କର । ଯେପରି ତୁମ୍ଭର ଶୁଭ୍ରତା ଅମ୍ଭମାନଙ୍କର ମନ ପ୍ରାଣକୁ ଅଧିକାର କରୁ । ଅମ୍ଭେମାନେ ଯେପରି ପଦ୍ମାସନରେ ବସି ତୁମ୍ଭ ପରି ବୀଣା ହସ୍ତରେ ଏହି ଭବସାଗରକୁ ହସି ହସି ମୁକ୍ତ ହୋଇ ଯାଉଁ । କର ଯୋଡ଼ି ଏହି ଭିକ୍ଷା ଆଜ ଏହି କେତୋଟି ଦୀନହୀନ ଅଭାଗା ପ୍ରାଣ ଏକନ୍ତ ସମବେତ ହୋଇ ମାଗୁ ଅଛନ୍ତି ।

(୧୩୨୦ ମାଘପଞ୍ଚମୀରେ ସରସ୍ୱତୀ ପୂଜୋପଲକ୍ଷରେ କଟକ ମେଡ଼ିକ ସ୍କୁଲର ହିନ୍ଦୁ ଛାତ୍ରାବାସରେ ପଠିତ) ।

Digitized by srujanika@gmail.com

କ୍ଷମାଗୁଣ ।

ଥରେ କେତେକ ଜଣ ପଣ୍ଡିତ ବ୍ରାହ୍ମଣ ବାଲବିଧବା-ବିବାହ-ପକ୍ଷପାତୀ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଉପରେ ଅତ୍ୟନ୍ତ କ୍ରୁଦ୍ଧ ହୋଇ ତାଙ୍କ ପ୍ରାଣ ନାଶ କରିବା ନିମିତ୍ତ ଅସ୍ତ୍ର ହସ୍ତରେ ତାଙ୍କ ଗୃହରେ ପ୍ରବେଶ କରି ଥିଲେ । ବିଦ୍ୟାସାଗର ମହାଶୟ ସେମାନଙ୍କୁ ଦେଖିବାକ୍ଷଣି ଅଭିବାଦନପୂର୍ବକ ନିମ୍ନଲିଖିତ କଥିତପ୍ରାୟ ବାକ୍ୟ କହିଲେ । "ଶ୍ରୀମାନ୍ ପଣ୍ଡିତ ମହାଶୟଗଣ, ଆପଣମାନଙ୍କର ସର୍ବବିଧ ମଙ୍ଗଳ ତ ? ଆସନ୍ତୁ, ଆସନୋପରି ଉପବେଶନ କରନ୍ତୁ । କେଉଁ ଆଜ୍ଞା ଆଗମନ କରି ଥିଲେ" ଇତ୍ୟାଦି କୁଶଳ ପ୍ରଶ୍ନ ପଚାରି ସେମାନଙ୍କୁ ସ୍ୱହସ୍ତରେ ଯଥାଯଥ ସ୍ଥାନମାନଙ୍କରେ ଉପବିଷ୍ଟ କରାଇଲେ । ଏତଦ୍ଦର୍ଶନରେ ସେହି ଦୁରଭିସନ୍ଧିପୂର୍ଣ୍ଣ ପଣ୍ଡିତମାନଙ୍କର ମନୋମଧ୍ୟରେ ଗୋଟିଏ ଭୟଙ୍କର ପ୍ରତିକ୍ରିୟା ହେବାକୁ ଲାଗିଲା । ସେମାନଙ୍କ ମଧ୍ୟରୁ ଜଣେ ସ୍ଥିର ରହି ନ ପାରି ଈଶ୍ୱରଚନ୍ଦ୍ରଙ୍କ ପାଦମୂଳରେ ଅବଲୁଣ୍ଠିତ ହୋଇ କହିଲେ, "ମହାଶୟ ମୁଁ ଆପଣଙ୍କ ଶ୍ରୀଚରଣରେ କ୍ଷମାପ୍ରାର୍ଥୀ । ମୋତେ ଅଗ୍ରେ କ୍ଷମା ଦିଅନ୍ତୁ ।" ଈଶ୍ୱରଚନ୍ଦ୍ର ଏହାର କୌଣସି ଅର୍ଥ ସମ୍ୟକ୍ ସନ୍ଧାନ କରି ନ ପାରି ପଚାରିଲେ, "କାହିଁକି, ଆପଣ ମୋ ସମୀପରେ କୌଣସି ଅପରାଧ କରି ନାହାନ୍ତି ତ ? ମୁଁ ଆପଣଙ୍କୁ କିଅଣ କ୍ଷମା ପ୍ରଦାନ କରିବି ?" ସେଥିର ଉତ୍ତରରୁ ସେ ବ୍ରାହ୍ମଣ କହିଲେ "ମହାଶୟ ଅମ୍ଭେମାନେ ଏହି କେତେ ଜଣ ବ୍ରାହ୍ମଣ ଆପଣଙ୍କର ଶିରଚ୍ଛେଦନ କରିବା ନିମିତ୍ତ ଆଜି ଏକତ୍ର ଭୂମନ୍ତ୍ରଣା କରି ଆପଣଙ୍କ ଦ୍ୱାର ଦେଶରେ ଉପନୀତ ହୋଇ ଥିଲୁଁ । ଅମ୍ଭେମାନେ ବିଧବାବିବାହର ଘୋର ବିରୋଧୀ ଏହା ଆପଣ ଜାଣନ୍ତି !" ଏହା ଶୁଣି ପ୍ରଜ୍ଞ ଈଶ୍ୱରଚନ୍ଦ୍ର ସ୍ଥିର ହୋଇ ବସି ରହି ଥିଲେ ଏବଂ ହସି ହସି କହିଲେ, "ଅଚ୍ଛା ଯା' ହେବାର ତା' ହୋଇଛି ।ସେଥିପାଇଁ କିଛି ଭାବନା କରନ୍ତୁ ନାହିଁ । ବର୍ତ୍ତମାନ ଆପଣମାନଙ୍କୁ ମୋର ଗୋଟିଏ ଅନୁରୋଧ ଏହି ଯେ ଏ ବିଷୟ

Digitized by srujanika@gmail.com

କାହାପଠାରେ ପ୍ରକାଶ କରିବେ ନାହିଁ; କାରଣ ଏହା ସରକାର ବାହାଦୂରଙ୍କ କର୍ଣ୍ଣଗୋଚର ହେଲେ ସେ ଏ ବିଷୟରେ ଯଥୋଚିତ ବିଚାର କରିବାରୁ ପଶ୍ଚାତ୍ ପଦ ହେବେ ନାହିଁ ।" ପଣ୍ଡିତମାନେ ଏହା ଶୁଣି ସେହି ଗୁପ୍ତ ଅସି ଈଶ୍ୱରଙ୍କ ପାଦ ଦେଶରେ ସ୍ଥାପନ କରି ଅଶ୍ରୁ ଶାନ୍ତ ହୃଦୟରେ ଈଶ୍ୱରଙ୍କ ଅଗରେ ପ୍ରଣତ ହେଲେ ଏବଂ ଧୀର ଭାବରେ ଲୋଚନ ପୂର୍ଣ୍ଣ ନୟନରେ ଈଶ୍ୱରଙ୍କ ଗୋଡ଼କୁ ଦୃଷ୍ଟି କ୍ଷେପ କରି ଗୃହରୁ ବହିର୍ଗତ ହେଲେ । ଈଶ୍ୱରଙ୍କ ଏହି ପରି କ୍ଷମା ଗୁଣ ଦେଖି ସେମାନେ ନିଜ ନିଜ ପ୍ରାଣରେ ଅତି ବ୍ୟଥା ଅନୁଭବ କରି ଥିଲେ ଏବଂ ମର୍ମ୍ମ ମୃଷ୍ଟ ହୋଇ ଯାଇ ଥିଲେ । କିଏ ବା ନ ହେବ ? କ୍ଷମା ଗୁଣର କି ଅଲୌକିକ କ୍ଷମତା ?

ଅନ୍ତର୍ବିବାଦ ।

ଓଡ଼ିଆ ଜାତି ଅତି ପୃଥିବୀରୁ ଲୋପ ପାଇବାକୁ ବସିଲାଣି । ତେବେ ବି ସୁଦ୍ଧା କାହାର ମୋହ ନିଦ୍ରା ଭାଙ୍ଗୁ ନାହିଁ । ଓଡ଼ିଆ ଜାତିର ଅତି ଏପରି ହୀନାବସ୍ଥା ହେବାର ପ୍ରଧାନତଃ ଦୁଇଟି କାରଣ ।

ପ୍ରଥମତଃ-ଶିକ୍ଷାର ଅଭାବ । ଓଡ଼ିଆମାନେ ଜାତି ଟାଣ ଯଡ଼ ଲେଖା ପଢ଼ା ଶିଖିବାକୁ ଏକାନ୍ତ ଅନିଚ୍ଛୁକ । ସେ ଦିନ ଗୋଟିଏ ଓଡ଼ିଆ ଭାଇ ମୋତେ ପଚାରିଲେ, "ଆପଣ Engineering କଲେଜରେ ପଢ଼ନ୍ତି ପରା ? ଶୁଣିଛି ସେଠାରେ ବଢ଼େଇ କାମ, ଲୁହା, କାମ ଏପରି କି କୁଲିକାମ ମଧ୍ୟ କରିବାକୁ ହୁଏ । ଖବରଦାର ଅର୍ଥ ଲୋଭରେ ନିଜର ଜାତି ହରାଇ ବସିବ ନାହିଁ । ଖବରଦାର କେତେବେଳେ କୁଲିକାମ କରିବ ନାହିଁ । ଗୁଡ଼ିଆ ହୋଇ ମୁଚିକାମ କରିବ ନାହିଁ । ସେ ପଇସା ମୁହଁରେ ମୁତି ଦିଏଁ ।" ସେ ଓଡ଼ିଆଭାଇଟି ନିଜେ ଜାତିରେ ତଣା ଅଛି ସେ ମାଛକାମ କରେ । କେଡ଼େ ଜାତ ଟାଣ !

Digitized by srujanika@gmail.com

ଦ୍ୱିତୀୟତଃ—ଏହି ଜାତି ସ୍ଥାନ ଯୋଗୁଁ ଅସଂଶ୍ଳିଷ୍ଟତା ଏବ ସଂକୀର୍ଣ୍ଣତା ସମାଜ ମଧ୍ୟରେ ପ୍ରବେଶ କରି ଘୋରତର ଅନିଷ୍ଟ ସମ୍ପାଦନ କରୁଅଛି । ଏତେ ଜାତି ସ୍ଥାନ ଯେ ଏକ ଗୋଡ଼ଆ ଜାତି ମଧ୍ୟରେ ପୁଣି ଶତ ଉପଜାତି ସ୍ଥାନ (କିମ୍ବା ପ୍ରଜାତିସ୍ଥାନ ଠିକ୍ କରି କହି ପାରିଲି ନାହିଁ) ହୋଇଅଛି । ବାଲେଶ୍ୱର ବାସୀ ଗୋଟିଏ ଗୋଡ଼ଆ କଟକବାସୀ ଗୋଟିଏ ଗୋଡ଼ଙ୍କ ସହିତରେ ବିବାହ କରିବ ନାହିଁ—କରିବ ନାହିଁ କାହିଁକି କହୁଅଛି ? ସମାଜର କଠୋର ନିୟମ ଏପରି ଯେ ସେ ବିବାହ କରି ପାରିବ ନାହିଁ । ସେହିପରି କଟକର ଗୋଡଆ ଗଞ୍ଜାମର ଗୋଟିଏ ଗୋଡ଼ଆ ସହିତରେ କିମ୍ବା ମେଦିନୀପୁରର ଗୋଟିଏ ଗୋଡ଼ଆ ସହିତରେ ବିବାହ ସୂତ୍ରରେ ଆବଦ୍ଧ ହୋଇ ପାରିବ ନାହିଁ । ସେ ତ ଅତି ଦୂରର କଥା । ଅନୁଧ ଦେଖନ୍ତୁ । ବାଲେଶ୍ୱର ସଦର ଗୋଡଆ ଭିନ୍ନ ଅଲଗା; ବାଲେଶ୍ୱର ମଫସଲ ଗୋଡଆ ଭିନ୍ନ ଅଲଗା । ନୀଲଗିରି ଏବ ବାଲେଶ୍ୱର କୋ ୬ ଶ ସ୍ଥାନର ବ୍ୟବଧାନ । କିନ୍ତୁ ଏମାନଙ୍କର ସମଜାତି ମଧ୍ୟରେ ଜାତିର ବ୍ୟବଧାନ କୋ ୬୦ ଶ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଏହିପରି ଜାତିର କୁସ୍ଥାନ ଯୋଗୁଁ ଦେଶର ଅବସ୍ଥା ପ୍ରତି ସମସ୍ତେ ବିମୁଖ ହୋଇଅଛନ୍ତି; କାରଣ ଏହା ଦ୍ୱାରା ଦେଶବାସୀମାନଙ୍କ ମଧ୍ୟରେ ଗୋଟିଏ ଐକ୍ୟ ଭାବ ରହିପାରୁ ନାହିଁ । ଜଣେ ପୁରୀର ଲୋକ କିମ୍ବା କଟକର ଲୋକ ବାଲେଶ୍ୱରକୁ ଗଲେ, ବାଲେଶ୍ୱରର ଲୋକ ତାକୁ "ଦକ୍ଷିଣା" ବୋଲି ଘୃଣା କରିଥାଏ ।

ଏହାହିଁ ଅସଂଶ୍ଳିଷ୍ଟ ଭାବର ଜ୍ୱଳନ୍ତ ପ୍ରମାଣ । ଆଉ କଣ ଚାହାନ୍ତି ?

Digitized by srujanika@gmail.com

ଚତୁର୍ଥତଃ—ଏପରି କ୍ଷୁଦ୍ର ମଣ୍ଡଳୀରେ ଆବଦ୍ଧ ହୋଇ ସେମାନଙ୍କ ନିଜ ନିଜ ଗଣ୍ଡୀ ମଧ୍ୟରେ ପରିଣତ କାର୍ଯ୍ୟ ସମ୍ପାଦନ କରିବା ଯୋଗୁଁ ଲୋକେ ହୀନବୀର୍ଯ୍ୟ ହୋଇ ପଡ଼ୁଅଛନ୍ତି । କେତେବର୍ଷ ଧରି ଏହିପରି ହୀନବୀର୍ଯ୍ୟ ହେଉଁ ହେଉଁ ସେମାନେ ହୀନତାର ଚରମ ସୀମାରେ ଆସି ଉପନୀତ ହେଲେଣି ।

ପୃଥିବୀର ଇତିହାସର ପୃଷ୍ଠା ଉଦ୍ଘାଟନ କରି ଦେଖିଲେ ଏବଂ ଟିକିଏ ଅନୁଧ୍ୟାନ କଲେ ଆମ୍ଭେମାନେ ସ୍ପଷ୍ଟ ଦେଖି ପାରିବୁଁ ଯେ ଏହିପରି କ୍ଷୁଦ୍ର ସୀମାରେ ଲୋକେ ଆପଣାକୁ ବଦ୍ଧ କରି ଏକାବେଳକେ ସଂସାରରୁ ଲୋପ ପାଇଅଛନ୍ତି । ମୋର ଭୟ ହେଉଅଛି, କେଜାଣି, ଏହିପରି ଥିଲେ ଏମନ୍ତ ମଣ୍ଟ ଓଡ଼ିଆ ଜାତିଟା ଅଳ୍ପ କେତେକାଳ ପରେ ପୃଥିବୀ ପୃଷ୍ଠରୁ ଏକାବେଳକେ ଲୋପ ପାଇଯିବ ।

ବର୍ତ୍ତମାନ ଉପାୟ ଚିନ୍ତା କରାଯାଉ । ଅଚ୍ଛା, ଭାଇମାନେ, ଦେଖନ୍ତୁ ଆମ୍ଭେମାନେ ଯେ କେତେଜଣ ଇଂରାଜୀପଢ଼ୁଆ ଲୋକ ଅଛୁଁ, ମୋର ବିଶ୍ୱାସ, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ମନୋଭାବ ଟିକିଏ ବର୍ତ୍ତମାନ ଯୁଗର ଭାବାନୁଯାୟୀ ଏବଂ ତଦ୍ଭାବ ପକ୍ଷପାତୀ । ହେବାର ତ କଥା, ସେ ଯାହା କହନ୍ତୁ, ଅନ୍ତର ଟିକିଏ ହେଲେ ଅଖିଁ ଫିଟିଅଛି ।

ଆମ୍ଭେମାନେ ଇଚ୍ଛାକଲେ ଏବଂ ଚେଷ୍ଟାକଲେ ଅବଶ୍ୟ କିଛି ହେଲେ ସୁଫଳ ଦର୍ଶିପାରେ । ମୁଁ ଓଡ଼ିଆ; ମୁଁ ଗଞ୍ଜାମ, ପୁରୀ, କଟକ, ବାଲେଶ୍ୱର ଏବଂ ମେଦିନୀପୁରର ଓଡ଼ିଆ ମାନଙ୍କୁ ଏକସୂତ୍ରରେ ଆବଦ୍ଧ କରିବାକୁ ଚେଷ୍ଟା କରେଁ । ଆପଣ ଚନ୍ଦ୍ରବାପୁ; ଆପଣ ସେହିପରି ବଙ୍ଗଳ ପ୍ରଦେଶର ଚନ୍ଦ୍ରବାପୁ ମାନଙ୍କୁ ଏକତ୍ରଗୋଷ୍ଠୀ କରିବା ପାଇଁ ଯତ୍ନପର ହେଉନ୍ତୁ । କହନ୍ତୁ ହେଲେ ସୁଫଳ ଘଟିବ ନାହିଁ କି ? ଏହି ତ ଉପାୟ; ଆଉ କେତେ ଭାବିବା କଥାଣି ? ବର୍ତ୍ତମାନ ଭୂମରେ ଉଦ୍ୟମ ଏବଂ ନିଃସ୍ୱାର୍ଥତାର ପ୍ରୟୋଜନ ।

Digitized by srujanika@gmail.com

ଏହି ଉପାୟ ତ ଅତି ସଂକୀର୍ଣ୍ଣ । କିନ୍ତୁ ଏହାର ହିଁ ଏକ ପ୍ରଶସ୍ତ ଉପାୟ ଅବଲମ୍ବନ କରିବା ଆମ୍ଭମାନଙ୍କର ଦରକାର । ଆମ୍ଭେମାନେ ଓଡ଼ିଆ—ଅଧଃପତିତ ଜାତି । ଯଦି ଆମ୍ଭେମାନେ ଆମଠାରୁ ଯେଉଁ-ମାନେ ଉନ୍ନତ ଅବସ୍ଥାରେ ଉଠିଅଛନ୍ତି ସେମାନଙ୍କ ସହିତରେ ମିଶି ପାରୁଁ ତାହାହେଲେ ଆମ୍ଭମାନଙ୍କର ଅନେକ ବ୍ୟବହାର, ଗତି ବିଧି ବିଦ୍ୟା ବୁଦ୍ଧି ସବୁ ଫେରିଯିବ । ଆମ୍ଭେମାନେ ମଧ୍ୟ ଧୀରେ ଉନ୍ନତ ସୋପାନକୁ ଆରୋହଣ କରିବାକୁ ବସିବୁଁ । ଏଥିପାଇଁ ମିଶ୍ରଣ ଦର-କାର । କିନ୍ତୁ କିପରି ମିଶ୍ରଣ ହେବା ବାଞ୍ଛନୀୟ ? ଯେଉଁ ମିଶ୍ରଣରେ ରକ୍ତର ମିଶ୍ରଣ ହେବ, ଯେଉଁ ମିଶ୍ରଣରେ ଆମର ଜାତିର ଲୋକସଂଖ୍ୟା ବର୍ଦ୍ଧିତ ହୋଇପାରିବ, ଯେଉଁ ମିଶ୍ରଣରେ ଆମ୍ଭେମାନେ ଗୋଟିଏ ମହାଜାତି ବୋଲି ପୃଥିବୀ ସମ୍ମୁଖରେ ନିର୍ଭୀକଭାବରେ ଦଣ୍ଡାୟମାନ ହୋଇପାରିବୁଁ ସେହି ମିଶ୍ରଣର ଦରକାର । ସେହି ମିଶ୍ରଣ ହେଉଛି ଅନ୍ତ-ର୍ବିବାହସମ୍ଭବ । ଗୋଟିଏ ଉଦାହରଣ ଦ୍ୱାରା ବୁଝାଇବାକୁ ଚେଷ୍ଟା କରେଁ । ଏହି ଦେଖନ୍ତୁ ଓଡ଼ିଆ ଗୋଡ଼ଆମାନଙ୍କ ମଧ୍ୟରେ ଶିକ୍ଷିତ ସଂଖ୍ୟା ଅତି—ଅତି ଅଳ୍ପ । ଯାହାହେଉ, ଯେତିକି ଅଛି, ସେମାନେ ଯଦି ଅଧିକତର ବଙ୍ଗାଳୀ ଶିକ୍ଷିତ ଗୋଡ଼ଆମାନଙ୍କ ସହିତରେ ବିବାହସୂତ୍ରରେ ମିଶିବାକୁ ଚେଷ୍ଟା କରନ୍ତି ତାହାହେଲେ ଗୋଡ଼ଆ ଜାତିଟାର ପ୍ରାଣ ଟିକିଏ ବଞ୍ଚି ଉଠିବ, ଟିକିଏ ସବଳ ହେବ ଏବଂ ନାନା, ଘୃଣା ହସ୍ତରୁ ଟିକିଏ ନିଷ୍କୃତି ଲାଭ କରିବ । ସେହିପରି ଓଡ଼ିଆ ଅଶିକ୍ଷିତ କିମ୍ବା ଅର୍ଦ୍ଧଶିକ୍ଷିତ ତନ୍ତୁବାୟ ଜାତିଟା ଯଦି ବଙ୍ଗଳାର ତନ୍ତୁବାୟ ଜାତି ସହିତରେ ମିଳିବାକୁ ଚେଷ୍ଟା କରନ୍ତି ଏବଂ ମିଳିତ ହୁଅନ୍ତି ତାହାହେଲେ ଅବଶ୍ୟ ସେ ଜାତିର ପ୍ରାଣଟା ଟିକିଏ ସବଳ ହେବ ଏବଂ ସେ ସମାଜର ଲୋକମାନଙ୍କର ହୃଦୟରେ ଜାତୀୟତା ଭାବ ଟିକିଏ ଜାଗି ଉଠିବ । ଏହାକୁଇ ମୁଁ intermarriage କହେଁ । ମୁଁ କହେଁ ନା ଯେ ଗୋଡ଼ଆ, ଗନ୍ଧଡ଼ି, ମହାନ୍ତି, ତେଲି "ସଙ୍କେ

Digitized by srujanika@gmail.com

ହେବେ ଏକାକାର, ନ ରହୁ ଜାତି ବନ୍ଧନ" । ସେ ଭାବର ମୁ ପୃଷ୍ଠପୋଷକ ନୁହେଁ ; ଯେତେବେଳେ ସେପରି ଅବସ୍ଥା ଆସିବ ସେତେବେଳେ ଦେଖାଯିବ । ବର୍ତ୍ତମାନ ସମୟରେ ଶେଷୋକ୍ତ ଉପାୟ ବିଶେଷ କାର୍ଯ୍ୟକର ହୋଇପାରିବ ନାହିଁ ବୋଲି ମୋର ବିଶ୍ୱାସ । ଅବଶ୍ୟ ଯେଉଁମାନଙ୍କୁ ଶେଷୋକ୍ତ ଉପାୟଟି ଅଧିକତର ଫଳପ୍ରଦ ବୋଲି ବୋଧ ହେଉଅଛି ସେମାନେ ସେହି ଉପାୟ ଦ୍ୱାରା ଚେଷ୍ଟା କରନ୍ତୁ—କର୍ମରେ ଅଗ୍ରସର ହେଉନ୍ତୁ । କିନ୍ତୁ ଦୁଃଖର ବିଷୟ ଏହି ଯେ କେହି କିଛି ଚେଷ୍ଟା କରୁ ନାହାନ୍ତି ।

ଅତୃପ୍ତି ଓ ସାନ୍ତ୍ୱନା ।

ଭଗିନୀ ମୋ—ତୋତେ କେତେଥର ଦେଖିଅଛୁ, ତୋ କଥା କେତେ ଭାବିଅଛୁ, ତୋ ଚିନ୍ତା କେତେକ ପରିମାଣରେ ମୋର ପ୍ରାଣକୁ ପରିସ୍ପର୍ଶ କରିଯାଉଛି, ତୋତେ ଦେଖିବା ପାଇଁ ଅନେକ ସମୟରେ ଟିକିଏ ଚଞ୍ଚଳ ମଧ ହୋଇ ଯାଉଛି, ତୋର ବାଣୀ, ତୋର ବୀଣା, ମୋ କର୍ଣ୍ଣରେ ଅନେକ ଥର, ନା,ନା,-ପ୍ରତ୍ୟେକଥର ମଧୁର ଲାଗିଅଛି, ତୋର ବିଳାସ ଭ୍ରମଣ ଦେଖି ମୁ କେତେଥର ମଧୁମୟ ଶରୀର କମ୍ପନ ଅନୁଭବ କରି ଅଛି, ତୋ ସହିତରେ ବାରେ ମାତ୍ର ଜଡ଼ିତ ହେବା ପାଇଁ ମନରେ କେତେ ତର୍କ ଉଠାଇ ଅଛି, ତୋ ଚାରୁ ନୟନରେ ପ୍ରତିଫଳିତ ହୋଇ ମୋତେ କେତେଥର ଆଶାମୁଗ୍ଧ କରିଅଛୁ, ତୋର ଚରଣ ଚଳନ ଦେଖି ମୁ କେତେଥର ପ୍ରୀତିଲାଭ କରିଅଛି, ତୋର ଅପୂର୍ଣ୍ଣ ଆଶା ତଥା ଭାବ ମୁ ମନରେ କେତେ ଦୁଃଖ ଅନୁଭବ କରିଯାଉଛି, ତୋର ସୁମଙ୍ଗଳ ପାଇଁ ମୁ କେତେ ଧ୍ୟାନ ଧାରଣା କରିଅଛି, ତୋର କରସ୍ପର୍ଶ କରି ଧନ୍ୟ ହେବା ପାଇଁ ପ୍ରାଣ କେତେଥର ବ୍ୟାକୁଳ ହୋଇଅଛି; ତୋର ପାପପଥରେ ନିଜ ଦେହକୁ ଅକାଳରେ ଢାଳିଦେବା କଥା ଶୁଣି ନିର୍ଜନରେ କେତେ ଭାବିଅଛି ; ସମୟରେ

Digitized by srujanika@gmail.com

କେତେ କାନ୍ଦୁଅଛୁ; ତୋ ପାଇଁ ମା, ଦାଦା ଇତ୍ୟାଦିମାନେ ବ୍ୟସ୍ତ ଏବଂ ଦୁଃଖିତ ହେବାର ଦେଖି କେତେ ମର୍ମଭେଦୀ ଯାତନା ଅନୁଭବ କରୁଅଛୁ; ତୋର ଅମୃତ ବ୍ୟବହାରରେ ମୁଗ୍ଧ ଏବଂ ଲୁବ୍ଧ ହୋଇଅଛୁ ତୋର ପିପାସାଦୂର କରିବା ପାଇଁ ଏ ଚିତ୍ତ କେତେଥର ଚଞ୍ଚଳିତ ହୋଇଅଛୁ; ତୋର ରୂପର କମନୀୟତାରେ କେତେ ସୁଖ ଲାଭ କରୁଅଛୁ; ତୋ ପାଖରେ ବସି, ତୋ କଥା ଶୁଣିବାକୁ କେତେ ଆଗ୍ରହ ହୋଇଅଛୁ; ତୋର ନୟନ ଭଙ୍ଗିମାରେ ମୋର ଚିତ୍ତଚକୋର କେତେଥର ଅପର୍ଯ୍ୟାପ୍ତ ଭାବେ ଆପ୍ୟାୟିତ ହୋଇଅଛୁ; ତୋର ଜୀବନକୁ ପୂର୍ଣ୍ଣ କରିବା ପାଇଁ କେତେଥର ଅସ୍ଥିର ତପସ୍ୟା କରୁଅଛୁ ତୋର ମୂର୍ତ୍ତି କେତେବେଳେ ଆନନ୍ଦ, କେତେବେଳେ ଅବା ଛାୟାରୂପେ ମୋଠାରେ ପ୍ରତିଭାତ ହୋଇଅଛୁ; ତୋର ଗତିବଧି ଦେଖି ଏ ସଂସାରର ଅସାର ଲୀଳା, ଖେଳା ମନୋମଧ୍ୟରେ କେତେଥର ଜାଗରୂକ ହୋଇଅଛୁ ; ତୋର ମନ ତୋଷ ପାଇଁ ତୋର ସଖା ହେବା ପାଇଁ କେତେଥର ମନ ବଳାଇଅଛୁ; ତୋର ସଙ୍ଗିନୀ ହୋଇ ଗରବିନୀ ହେବାକୁ କେତେଥର ମଧୁର ଆଶା ଅନ୍ତରରେ ପୋଷଣ କରୁଅଛୁ; ତୋର ମାଧୁରୀମା, ତୋର ଗରିମା, ତୋର ସମ୍ଭାଷଣ ଦେଖି ନିଜକୁ କେତେଥର ଅତି ତୁଚ୍ଛ, ଅତି ହୀନ ବୋଲି ମନେ କରୁଅଛୁ, ତୋର ଶୁଭ୍ର ଅଙ୍ଗରେ କଳୁଷିତ ହସ୍ତାରୋପ ଦେଖି କେତେ କ୍ଷୁବ୍ଧ ହୋଇଅଛୁ, କେତେ ଅଶ୍ରୁ ବିସର୍ଜନ କରୁଅଛୁ । ଭଗିନୀ ଲୋ ଏ ସବୁ ତୁ ଜାଣିଲେ ହେଲେ ଜାଣୁ ନାହୁଁ କି ? ଭଗିନୀ ଲୋ ! ଶୁଭ୍ରମନ ପୋଷଣ କର, ସମସ୍ତଙ୍କୁ ସ୍ନେହ, ଦୟା, ପ୍ରେମ, ପ୍ରୀତି ଦିଅ; କିନ୍ତୁ କାମନାର ବଶୀବର୍ତ୍ତୀ ହୁଅନା । ଭିକ୍ଷା ବାଞ୍ଛାର କି କିଛି ଫଳ ନାହିଁ ? ଦୟାମୟ ବିଧିବିଧାତା ଅମ୍ଭମାନଙ୍କର ସବୁ କର୍ମ ଦେଖୁଅଛନ୍ତି; ସେ ସବୁ କର୍ମ ନିମିତ୍ତ ଅମ୍ଭମାନଙ୍କୁ ଦାୟୀ ହେବାକୁ ହେବ, ତାହାର ଫଳ

Digitized by srujanika@gmail.com

ଭୋଗ କରିବାକୁ ହେବ । ଭଗିନ ! ତୋର ଏହି କ୍ଷୁଦ୍ର ହୃଦ ଅଙ୍କରେ ପଲ୍ଲନତା, ଅଟଳତା ବିଶ୍ୱଜନମାନ କରିବ ଏଥି ତ ମୋର ସନ୍ଦେହ ହୋଇପାରେ ? ଭଗିନ ! ଶୁଣ୍ଛି ଅନେକ ସମୟରେ ପଦସ୍ଖଳନ ହୋଇଥାଏ । ମୋର ମଧ୍ୟ ଅନେକଥର ହୋଇଅଛି । କିନ୍ତୁ ଗତସ୍ୟ ଶୋଚନା ନାସ୍ତି" ଏ ପଥର ପଥିକ ହୋଇ ଧର୍ମ୍ମ ମାର୍ଗରେ ଦୃଢ଼ ସୁଖୀ ହୋଇ ରହ । ଭଗିନ ! ମୁ ତୋତେ ଶୀର୍ଣ୍ଣବସନା, ଦରିଦ୍ରା, ଗୈରିକ ବାସ ପରିହିତା ଦେଖିବାକୁ ମଧ୍ୟ କେବେହେଁ ଇଚ୍ଛା କରେଁ ନା । ତୁ ଶୁଭ୍ର, ସ୍ୱଚ୍ଛ, ପ୍ରେମଭର, ପୁଣ୍ୟ ଭରା ହୁଅ । ଏହା ଇଚ୍ଛା ତୋଠାରେ ଏବଂ ପରମପିତା ସର୍ବଦ୍ରଷ୍ଟା ଭଗବାନଙ୍କଠାରେ ଚିରକାଳ ପ୍ରାର୍ଥନା କରୁଅଛି । ଭଗିନି ଲୋ ! ମୋତେ ଭୁଲିବୁ ନାହିଁ । ମୁଁ ତୋର ଚିନ୍ତାରେ ଜୀବିତ ଅଛି । ତୋ ଚିନ୍ତାବିନା ଏ ପ୍ରାଣ ଶୂନ୍ୟଗର୍ଭ । ଇତି ।

ଜନୈକବନ୍ଧୁ ପ୍ରତି ।

ବନ୍ଧୋ ! ତବ ପତ୍ର ପାଠରେ ସର୍ବାଙ୍ଗ ମୋର୍ ଶିହରି ଉଠିଲା । ଏତେ ଦିନର ସାଧନା, ଏତେ କାଳର ସଂଯମ ଏତେ କାଳର କାମନା ଦମନ, ନିମେଷ ମଧ୍ୟରେ ତୁଟି ଗଲା ! ବାସ୍ତବିକ ମନୁଷ୍ୟର ଅସାଧ ଶକ୍ତି ରମଣୀର ଯୌବନରେ ଏବଂ ଶ୍ରୀରେ । ତୁମେ ଯେଉଁ ବାଳକାକୁ ଏକ ସମୟରେ ଏତେ ଅନୁରାଗ ଦେଖାଉଥିଲ, ପୁଣି ଯାହାର ଯୌବନ ଚଞ୍ଚଳତା ଶତବାର ଦେଖି, ତାକୁ ଏତେ ଘୃଣା କରୁଥିଲ, ସେହି ବାଳକା ଦେଖି ପୁଣି ପାପର ଗର୍ଭରେ ପତିତ ହେବାକୁ ମନ ବଳାଇଲ । ଧିକ୍ ମାନବର ମନ ! ଧିକ୍ ରମଣୀର ଅପର୍ଯ୍ୟାପ୍ତ ପିପାସା ! ବନ୍ଧୋ, ମନୁଷ୍ୟ ମାତ୍ରକେ ତ ଏହି ପ୍ରକାରେ କେତେବେଳେ ନା କେତେବେଳେ ବୋଧହୁଏ, ପାପଗର୍ଭରେ ଅଣୟୁ ନଥନ୍ତି । ଏପରି ଅବସ୍ଥାରେ, ତୁମର ପ୍ରାଣ ଟୁଟମା ଯଦ

Digitized by srujanika@gmail.com

ତୁମପରି ଅସ୍ଥିର ହୋଇ ଥାଏ ତାହାହେଲେ ତାକୁ କିପରି ଘୃଣା କରିବ ? ଆଉ ଯେଉଁ ବାଳିକାର ଆକର୍ଷଣର ଦାସ ହୋଇଥିଲ ତାହାର ବା କେଉଁ ଦୋଷ ଯେ ତାକୁ ଘୃଣା କରିବ ? ତୁମେ ପୁରୁଷ ହୋଇ, ସ୍ଥିର ଚେତା, ସ୍ଥିର ବୁଦ୍ଧି, ବକ୍ତୃ ଦୃଢ଼ ହୋଇ ସୁଦ୍ଧା ଚଳଚଳ ପ୍ରମାଣ ଦେଉଅଛ, ଆଉ ସେ ତ ବାଳିକା, ଚପଳା, ଚଞ୍ଚଳା । ସେଥିରେ ପୁଣି ସରଳା । ଅତଏବ ଘୃଣାକର ନା କାହାକୁ । ମୋ ଜୀବନରେ ଏପରି ଘଟଣା ଘଟିଅଛି; ପୁଣି ପ୍ରଭ ମୁହୂର୍ତ୍ତରେ ମୁ ଜଣେ ଭାବୁକ ଏ କଥା ତୁମଙ୍କୁ କେତେ ଥର କହୁଅଛି । ଆଜି ତୁମର ହୃଦୟର ବ୍ୟଥିତ ତରଙ୍ଗ ମୋତେ ଜଣାଇଥିବାରୁ ମୁ ତୁମକୁ ଧନ୍ୟବାଦ ଦେଉଅଛି । ବନ୍ଧୋ ! ପାପର ପ୍ରବଳ ବେଗ ସମ୍ମୁଖରେ ଛିଡ଼ାହୋଇ ରୁଦ୍ଧ କରିବା ମହାବୀର ମହାତପସ୍ୱୀ ଲୋକର କାର୍ଯ୍ୟ । ଏହା ତୁମ ଆମର କାର୍ଯ୍ୟ ନୁହେଁ । ଏଣୁ କର ପାପଠାରୁ ଯେତେ ଦୂରରେ ରହିବ, ସେତେ ମଙ୍ଗଳ । ବନ୍ଧୋ ! ଗତସ୍ୟ ଶୋଚନା ନାସ୍ତି ।" ବର୍ତ୍ତମାନ ଈଶ୍ୱରଙ୍କୁ ବିନୀତ ପ୍ରାର୍ଥନା ଜଣାଅ ଯେପରି ତ ସେ ତୁମକୁ ସର୍ବଦା ପାପର ଅପାତମନୋହର ବିଷପୂର୍ଣ୍ଣ ମୂର୍ତ୍ତିଠାରୁ ଦୂରରେ ରଖନ୍ତୁ । ଆଉ ମଧ୍ୟ ପ୍ରାର୍ଥନା କର ଯେପରି ସେହି ଚଞ୍ଚଳା କାମାତୁର ବାଳିକାଟିର ସଦ୍‌ବୁଦ୍ଧି ହେଉ, ସୁଖରେ ସଂସାର କରୁ ଏବଂ ପତିପ୍ରାଣା ଏବଂ ପତିପ୍ରିୟା ହେଉ । ହାୟ ! କେଉଁ ମୂର୍ଖ ବାଲ୍ୟ ବିଧବା ବିବାହ ଉଠାଇ ଦେବାକୁ ଚାହେଁ । ସମାଜରେ ମଙ୍ଗଳ ତଡ଼ାଇ ଦେଇ କେଉଁ ହତଭାଗା ଯୁକ୍ତି ବଳରେ କୂଟ ତର୍କ ସାହାଯ୍ୟରେ ସ୍ୱଭାବ ବିରୁଦ୍ଧ ପୁଷ୍ଟି ଭାବର ବିବାଦର ସୃଷ୍ଟି କରିବାକୁ ଚାହେଁ ? ମୋର ମତରେ, ବାଳବିଧବାର ଦ୍ୱିତୀୟ ସ୍ୱାମୀ ହେଉ, ବୟସ୍କାବିଧବାର ଇଚ୍ଛାହେଲେ ଅନ୍ୟ ସ୍ୱାମୀ ଗ୍ରହଣ କରୁ । ତାହାହେଲେ ସମାଜରେ ପାପର ସ୍ରୋତ ବଳବତ୍ତର ହେବ ନାହିଁ । ପାପର ଅନ୍ତଃସ୍ରୋତ ପରିବର୍ତ୍ତେ ପୁଣ୍ୟର ଖରତର ସ୍ରୋତ ସମାଜକୁ ପ୍ଲାବିତ

Digitized by srujanika@gmail.com

କରିବ । ବତ୍ସେ ! ସମସ୍ତଙ୍କର ମଙ୍ଗଳ ପାଇଁ ଭଗବାନଙ୍କଠାରେ ସଦା ପ୍ରାର୍ଥନା କର । ପାପୀ ତାପୀ ଦେଖିଲେ ମୁଁ ଭକ୍ତି କରୁ ଥାଏଁ । ସେମାନେ ମୋର ଦେବତା ।

ଆତ୍ମକର୍ତ୍ତବ୍ୟ ।

ଏ ଭବଧାମରେ ମୁଁ ଯେ ଅବତୀର୍ଣ୍ଣ ହୋଇଅଛି ତାହାର କୌଣସି ଗୋଟିଏ ନିଗୂଢ଼ ଉଦ୍ଦେଶ୍ୟ ରହିଅଛି । ତାହା ମୁଁ ଅର୍ଦ୍ଧଅଲୋକ ଏବ ଅର୍ଦ୍ଧଛାୟା ପ୍ରାପ୍ତ କାରଣ ଜନ୍ମ ସେହି ଜ୍ୟୋତିର୍ମ୍ମୟ ବିଶ୍ୱକର୍ତ୍ତା ଯେ କି ଏହି ନକ୍ଷତ୍ର ଖଚିତ ଅନନ୍ତ ଆକାଶ ଏବଂ ମନୁଷ୍ୟ ବାସୋପଯୋଗୀ ଏହି ଧରଣୀକୁ ନିର୍ମ୍ମାଣ କରିଅଛନ୍ତି, ସେହି ଭୂମା ପୁରୁଷ ଏହା ସମ୍ପୂର୍ଣ୍ଣଭାବରେ ଜ୍ଞାତ । ବାସ୍ତବିକ ଆମ୍ଭେମାନେ ତାଙ୍କର ଉଦ୍ଦେଶ୍ୟ ସାଧନ କରିବା ପାଇଁ କେବଳ ଏହି ସଂସାରରେ ଜନ୍ମ ପରିଗ୍ରହ କରିଅଛୁଁ । ସେହି ତାଙ୍କର ଉଦ୍ଦେଶ୍ୟ ସଂସାଧନ କରିବାକୁ ହିଁ ପ୍ରତ୍ୟେକ ମନୁଷ୍ୟର ଆତ୍ମ କର୍ତ୍ତବ୍ୟ ବୋଲି ଯାଏ । ତାଙ୍କର ଉଦ୍ଦେଶ୍ୟ କଅଣ ? ଆହାର-ବିହାର-ନିଦ୍ରା ମୈଥୁନରେ ଏହି ଦୁର୍ଲ୍ଲଭ ଅଳ୍ପକ୍ଷଣ-ସ୍ଥାୟୀ ମାନବ ଜୀବନକୁ ଧ୍ୱଂସ କରିବା କେବେହେଁ ପରମଦେବତା ପରମେଶ୍ୱରଙ୍କର ସାଧୁ ଉଦ୍ଦେଶ୍ୟ ହୋଇ ପାରେ ? ଏହା ନିର୍ଦ୍ଦୟ-ହୃଦୟରେ ତ ଏ କହି ପାରେ ?

ସେହି ତାଙ୍କର ଉଦ୍ଦେଶ୍ୟ ସାଧନ କରିବା କେବଳ, ମୋର କର୍ତ୍ତବ୍ୟ କାର୍ଯ୍ୟ । ମୋର ଏ ସଂସାରରେ କଅଣ କରିବାକୁ ଅଛି ?

ମୋତେ ଶିକ୍ଷିତ, ବୁଦ୍ଧ, ଚେତନ ଏବଂ ନୀତି ଏବଂ ଧର୍ମ୍ମପରାୟଣ ହେବାକୁ ହେବ । ଏହା କରି ପାରିଲେ ମୁଁ ତାଙ୍କର ପ୍ରିୟସନ୍ତାନ ହୋଇ ପାରିବ । ତତ୍ପରେ ଅପରର ଶୋକ ତାପ ଦୂର କରିବାକୁ ହେବ, ବସୁଧୈବ କୁଟୁମ୍ବକଂ ଅର୍ଥାତ୍ ବସୁଧାର ସମସ୍ତ ଅଧିବାସୀମାନଙ୍କୁ ମୋର ନିଜର କୁଟୁମ୍ବ ପରି କରି ନେବାକୁ ହେବ । ମୋର 'କାର୍ଯ୍ୟ

Digitized by srujanika@gmail.com

ଅଛି ମହତ୍‌ । ମୋତେ କେବଳ ସୂର୍ଯ୍ୟ ଚନ୍ଦ୍ର ଆଉ ତାରା ପରି ଈଶ୍ୱରଙ୍କର ଗୌରବ ପ୍ରକାଶ କରିବା ପାଇଁ ନିରନ୍ତର ଦ୍ୱିସପ୍ତଭୁବନ ଭ୍ରମଣ କରିବାକୁ ହେବ ନାହିଁ । ମୁଁ ସାମାନ୍ୟ "ପଢ଼ସ୍ୱ ପଢ଼ସ୍ୱ" ସାରସ କିମ୍ବା କାକାତୁଆ ନୁହେଁ । ମୋର ବିବେକ ଅଛି, ସ୍ୱାଧୀନ ଚିନ୍ତା ଅଛି; ମୋତେ ଭଲମନ୍ଦ ବିଚାର କରି ଇଚ୍ଛା କରିବାକୁ ହେବ ଏବଂ ମନ୍ଦଟାକୁ ପାଦରେ ଠେଲି ଦେବାକୁ ହେବ ଅଥବା ଏକେବାରେ ପାଦରେ ଦଳି ତାହାର ଶେଷାଶେଷ କରିବାକୁ ହେବ । ମୋର ଉଦ୍ଦେଶ୍ୟ ଅଛି ମହତ୍‌ । ମୁଁ ସଂସାରେ ଶୁଦ୍ଧ ପ୍ରେମିକ ହେଲେ ଚଳିବ ନାହିଁ; ସେଥି ସଙ୍ଗେ ସଙ୍ଗେ ମୋତେ ପ୍ରେମ ଶୂନ୍ୟ କଷ୍ଟର ହୃଦୟ ସୈନିକ ସାଜିବାକୁ ହେବ; ଶୁଦ୍ଧ ପଦେ "ଅପରୂପ ପେଶନ ଗମା" ଦେଖି ଚକିତ, ସ୍ତମ୍ଭିତ, ମୋହିତ ଏବଂ ମତ୍ତ ହେଲେ ଚଳିବ ନାହିଁ । ମୋତେ ଏକ ଦିଗରେ ଯେପରି Romeo କିମ୍ବା Hamlet ପରି ପ୍ରେମିକ ସାଜିବାକୁ ହେବ ଅନ୍ୟଦିଗରେ ସେହିପରି ମୋତେ Napoleon କିମ୍ବା Alexanderଙ୍କ ପରି ନିର୍ଭୀକ ସୈନିକ ହେବାକୁ ହେବ ।

ମୋର ସର୍ବ ପ୍ରଥମ କର୍ତ୍ତବ୍ୟ ହଉଚି ଆପଣାକୁ ଜାଣିବା, ନିଜର କଅଣ ଅଛି ତାହା ଜାଣିବା, ନିଜେ କଅଣ କରିପାରେଁ ତାକୁ ଜାଣିବା । ସଂକ୍ଷେପତଃ ନିଜକୁ ଖୁବ ଭଲ କରି ଜାଣିବା, ଅର୍ଥାତ୍ "ଆତ୍ମାନଂ ବିଦ୍ଧି" ଏହାଇ ମାନବର ପ୍ରଧାନ କର୍ତ୍ତବ୍ୟ । ଯଦି ମୁଁ ମୋତେ ଚିହ୍ନି ପାରିବି ନାହିଁ ତାହାହେଲେ ମୋର ଯେଉଁ କର୍ତ୍ତବ୍ୟ ତାହା ମୋ ନିକଟରେ କିପରି ପ୍ରତିଭାତ ହେବ ? କିନ୍ତୁ ଏ ଚିହ୍ନିବାଟା ଅଛି କଠିନ । କେବଳ ଧାର୍ମିକ, ଶାନ୍ତସମ୍ପୂର୍ଣ୍ଣ ଅନସୂୟାସତ୍ତ୍ୱ ହୋଇ ପାରିଲେ ସେହି ପ୍ରକାଶ ଆନନ୍ଦରେ ଆମମାନଙ୍କ ନିକଟରେ ପ୍ରକାଶିତ ହେବେ । ନଚେତ୍ ପଦେ ପଦେ ବିଷମ ଭ୍ରମ ପ୍ରମାଦରେ ପଡ଼ି ହାହତୋଽସ୍ମି, ଅଃ, ଓଃ କରି କରି ଜୀବନକୁ ମରୁଅଞ୍ଚଳକୁ ଟାଣିବାକୁ ହେବ ।

Digitized by srujanika@gmail.com

ଏହି ଉଦ୍ଦେଶ୍ୟ ସିଦ୍ଧ କରିବାକୁ ହେଲେ ଆମ୍ଭମାନଙ୍କର କେତେଗୁଡ଼ିଏ ବିଷୟ ଅଭ୍ୟାସ କରିବାକୁ ହେବ । ପ୍ରଥମତଃ ଇନ୍ଦ୍ରିୟ ସଂଯମ ଅଭ୍ୟାସ କର । ହିତୋପଦେଶ କହୁଅଛନ୍ତି ;—

"ଆପଦାଂ କଥିତ ପନ୍ଥାଃ ଇନ୍ଦ୍ରିୟାଣାମସଂଯମଃ
ତଜ୍ଜୟଃ ସମ୍ପଦାଂ ଯେନେଷ୍ଟଂ ମାର୍ଗଃ ତେନଗମ୍ୟତାମ୍"

ଅର୍ଥାତ୍ ଇନ୍ଦ୍ରିୟମାନଙ୍କର ଅସଂଯମ ହିଁ ବିପଦର କାରଣ; ଇନ୍ଦ୍ରିୟ ସଂଯମ କଲେ ହିଁ ସମ୍ପଦ ମିଳେ, ଅତଏବ ଯେଉଁ ଦଗରେ ଇଚ୍ଛା ହୁଏ ସେହି ଦଗରେ ଗମନ କର । ଯଦି ସୁଖ ଶାନ୍ତି ଇଚ୍ଛା କର ତାହା ହେଲେ ଅବଶ୍ୟ ଇନ୍ଦ୍ରିୟ ସଂଯମ କରିବାକୁ ହେବ । ଯେତେ ଦୂର କାମ-କ୍ରୋଧ-ଲୋଭ-ମୋହ-ମଦ-ମାତ୍ସର୍ଯ୍ୟ, ଏହି ଷଡ଼ରିପୁକୁ ବଶୀଭୂତ କରି ପାରିବ ସେତେ ଦୂର ସୁଖ ଶାନ୍ତିର ସେହି ବଞ୍ଚିତ ହେବ ।

ଦ୍ୱିତୀୟତଃ, ଆମ୍ଭମାନଙ୍କୁ କର୍ମ କରିବାକୁ ହେବ । ଶୁଦ୍ଧ କଳ୍ପନାର ଅକୂଳ ସାଗରରେ ଭାସିଲେ ଚଳିବ ନାହିଁ । "କେବଳ କାର୍ଯ୍ୟ କରିବ" ଜଣେ ଲେଖକ କହିଅଛନ୍ତି, "ଜଗତରେ ହିମାଳୟ ସଦୃଶ ଖ୍ୟାତି ଲାଭ କରିବ କିନ୍ତୁ ଶୂନ୍ୟରେ ଉଡ୍ଡୀନ ହେଲେ କୌଣସି ଫଳ ହୁଏ ନା କିମ୍ବା ଆଶାନୁରୂପ କାର୍ଯ୍ୟ ହୁଏ ନା । ଯେ ଉପାୟରେ କାର୍ଯ୍ୟ କଲେ କାର୍ଯ୍ୟୋଦ୍ଧାର ହେବ ଏବଂ ପ୍ରକୃତ ଖ୍ୟାତି ଲାଭ ହେବ, ସେହି ସମୁଦାୟ ଉପାୟ ଉଦ୍ଭାବନ କରି ପାରିଲେ ଜଗତର ସମସ୍ତ ବାଧାବିଘ୍ନ ଅତିକ୍ରମ କରି ଉନ୍ନତ ପଦବୀରେ ଆରୋହଣ କରି ଯାଏ । ଜଗତ୍ ପୂର୍ଣ୍ଣ ସତ୍ୟ ଏବଂ ନିତ୍ୟ କାର୍ଯ୍ୟର ଆଧାର ।" ସେଥିପାଇଁ କହୁଅଛି ଏଠାରେ ବସବାସ କରି ରହିବାକୁ ହେଲେ, ସୁଖ ସ୍ୱଚ୍ଛନ୍ଦରେ ରହିବାକୁ ହେଲେ, ଆମ୍ଭମାନଙ୍କର କାର୍ଯ୍ୟ କରିବା ଏକାନ୍ତ ଦରକାର । କାର୍ଯ୍ୟ ବ୍ୟତୀତ ଆମ୍ଭମାନଙ୍କର କୌଣସି କଥା ସିଦ୍ଧି ହୁଏ ନା । ସେଥିପାଇଁ ଗୀତା କହୁଅଛନ୍ତି,—

Digitized by srujanika@gmail.com

ନିୟତଂ କୁରୁ କର୍ମ ତ୍ୱଂ କର୍ମ ଜ୍ୟାୟୋ ହ୍ୟକର୍ମଣଃ ।
ଶରୀର ଯାତ୍ରାପି ଚ ତେ ନ ପ୍ରସିଦ୍ଧ୍ୟେଦକର୍ମଣଃ ।

ଅର୍ଥାତ୍ ସର୍ବଦା କର୍ମ କର, ଅକର୍ମଣ୍ୟ ହେଲେ ଶରୀର ଯାତ୍ରା ସୁଦ୍ଧା ସମ୍ଭବ ହୋଇ ପାରିବ ନାହିଁ । ଅମ୍ଭେମାନେ ତେବେ କାହିଁକି ପରିଶ୍ରମକୁ ଭୟ କରିବୁ ? ନା ନା, ବଜ୍ରମୁଷ୍ଟିରେ ଅମ୍ଭେମାନେ ବିପଦ୍ ରାଶିକୁ ଚୂର୍ଣ୍ଣୀଭୂତ କରିବୁ, ଅଳସଙ୍କୁ ଯମାଳୟକୁ ବିତାଡ଼ିତ କରିବୁ, କର୍ମର ପଥରେ ଅଗ୍ରସର ହେବୁ ।

ତୃତୀୟତଃ, ହିନ୍ଦୁ ମୁସଲମାନ ନିର୍ବିଶେଷେ ସମସ୍ତଙ୍କୁ ଭଲ ପାଇବୁ । ଯେତେବେଳେ ଜଗତ୍ ମଧ୍ୟସ୍ଥ ହେବ, ମୁସଲମାନ ମୋର ପ୍ରାଣର ଭାଇ ହେବ, ଖ୍ରୀଷ୍ଟିୟାନ୍ ମୋର ଆପଣାର ହେବ, ତାହା ସେତେବେଳେ ଯାହାକୁ ଦେଖିବୁ, ସେ ଦେଖିବ, ସମସ୍ତଙ୍କୁ ସ୍ନେହ, ଶୁଦ୍ଧ ପ୍ରେମ ଦେବୁ ଏବଂ ତାହାଠାରୁ ପାଇବୁ । ସେତେବେଳେ ଅମ୍ଭମାନଙ୍କର କର୍ତ୍ତବ୍ୟ ସମାପ୍ତ ହେଲା ବୋଲି ଜାଣିବା । ବର୍ତ୍ତମାନ ଇଂରାଜୀ ଭାଷାରେ ଗୋଟିଏ କଥା ଏଠାରେ ଉଦ୍ଧୃତ କରି ଏବଂ ତାହାର ଉତ୍କଳାନୁବାଦ କରି ଏ ପ୍ରବନ୍ଧର ଉପସଂହାର କରିବି ।

"Man is no accident of birth nor play thing of fate. He is a power—the creator and destroyer of fate. Through the power within he will overcome indolence, outgrow ignorance, and enter the realm of wisdom. There he will feel a love for all that lives. He will be an everlasting power for good."

Digitized by srujanika@gmail.com

ଅର୍ଥାତ୍ ମନୁଷ୍ୟ ଜନ୍ମର ଗୋଟିଏ ଅବସ୍ଥିକ ଫଳ ନୁହେଁ ବା ଦୈବତନ୍ତ୍ରରେ କ୍ରୀଡ଼ାର ସାମାନ୍ୟ ପୁତ୍ତଳ ନୁହେଁ। ଅନ୍ତର୍ଜଗତର ଶକ୍ତି ଦ୍ୱାରା ସେ ଆଳସ୍ୟକୁ ପରାଭୂତ କରିବ, ଅଜ୍ଞାନତାକୁ ଦୂର କରି ଦେବ ଏବଂ ଜ୍ଞାନ ରାଜ୍ୟରେ ପ୍ରବେଶ ଲାଭ କରିବ। ସେଠାରେ ସେ ସମସ୍ତ ଜୀବିତ ପଦାର୍ଥକୁ ସ୍ନେହ ଦେଖାଇବ। ସେତେବେଳେ ସେ ଯାବଜ୍ଜୀବନ ଗୋଟିଏ ସ୍ଥାୟୀ ଶକ୍ତି ହୋଇ ରହିବ।

ଛାତ୍ରମାନେ ଯେପରି ଏହି କଥାଟି ଭଲକରି ଚିନ୍ତା କରନ୍ତୁ ଏହାହିଁ ପାଠକମାନଙ୍କ ନିକଟରେ ମୋର ଏକମାତ୍ର ଅନୁରୋଧ।

ସମାପ୍ତ।

Union Printing Works, Cuttack.

Digitized by srujanika@gmail.com

ବିଜ୍ଞାପନ ।

ରାଜନାରାୟଣ କୃଷ୍ଣପ୍ରିୟା ଲାଇବ୍ରେରୀ ।

ଅମ୍ଭେମାନେ ଉପରୋକ୍ତ ନାମାନୁସାରେ ନିମ୍ନଠିକଣାରେ ଗୋଟିଏ ପୁସ୍ତକାଗାର ଖୋଲିଅଛୁଁ । ଏଥିରେ ନାନା ଜାତୀୟ, ନାନାଭାଷାର ବହୁସଂଖ୍ୟକ ପୁସ୍ତକ ଅଛି । ନାନାଭାଷାର ଅନେକ ଗୁଡ଼ିଏ ସମ୍ବାଦ ପଢ଼ିବା ମଧ୍ୟ ଅଛି । ଓଡ଼ିଶାର ଅନେକ—ଶିକ୍ଷକ, ଛାତ୍ର, ଜମିଦାର, ମହାଜନ, ସମ୍ପାଦକ, ଭଦ୍ରଲୋକ ପ୍ରଭୃତି ଏଥିରେ ସଭ୍ୟ ଅଛନ୍ତି । ରେଭେନ୍ସା କଲେଜର ଅ- ପଣ୍ଡିତ ଖ୍ୟାତ୍ୟୁକ୍ତ କାଶୀନାଥ ଦାଶ, ଏମ୍; ଏ; ଏମ୍; ଆର୍; [illegible] ଏସ୍; ମହୋଦୟ ଏଥିରେ ସ୍ଥାୟୀ ସଭାପତି ହୋଇ ବିଶେଷ ଉତ୍ସାହ [illegible] କରି ଅଛନ୍ତି । ସାଧାରଣଙ୍କ ସୁବିଧାଂପାଇଁ ଏହା ଦୁଇବେଳା [illegible] ହୁଏ । ଏହି ଲାଇବ୍ରେରୀର ବିଶେଷ ଉନ୍ନତି କରିବା [illegible] ଏବଂ ସ୍ୱର୍ଗୀୟ ରାଜାବର ରାୟ ରାଧାନାଥ ରାୟ ବାହାଦୁରଙ୍କ [illegible] ଚିରସ୍ମରଣୀୟ କରିବା ଉଦ୍ଦେଶ୍ୟରେ

ରାଧାନାଥ ପୁସ୍ତକାଳୟ ।

ନାମରେ ଗୋଟିଏ ପୁସ୍ତକ ଦୋକାନ ଖୋଲିଅଛୁଁ । ଏଥିରେ ନାନା ଜାତୀୟ ପୁସ୍ତକ ଏବଂ ଷ୍ଟେସନେରୀ ଦେଶୀୟମାନ ବୃହସ୍ପତିବାର୍ଥେ ପ୍ରସ୍ତୁତ ଅଛି । ଗ୍ରାହକମାନେ ଅର୍ଦ୍ଧେ ପଠାଇଲେ ଅବିଳମ୍ବେ ଭି; ପି; ଡାକଯୋଗେ ପଠାଉଥାଉଁ । ଏହି ପୁସ୍ତକ ଦୋକାନର ସମୁଦାୟ ଲାଭ ଉପରୋକ୍ତ ଲାଇବ୍ରେରୀକୁ ପ୍ରଦାନ କରାଯାଉଁ । ସୁଲଭ କମିଶନ, ପରୀକ୍ଷା ବାଞ୍ଛନୀୟ । ନିମ୍ନ ଠିକଣାକୁ ପତ୍ର ପଠାଇବେ ।

ନୂତନ ପୁସ୍ତକ ।

୧—କର୍ଣ୍ଣବଧ (ରାୟ ମଧୁସୂଦନରାଓ ବାହାଦୁରଙ୍କ କୃତ) ଟ ୦ ।୵
୨—ପ୍ରଭାତ (ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ କୃତ) ଟ ୦ ।
୩—ମୃଦହାସି (ଶ୍ରୀଯୁକ୍ତ ନନ୍ଦ କାଳକବଳ କୃତ) ଟ ୦ ।୶
୪—ବୈଜାୟୁ ମହା ପ୍ରେମଲୁସ୍ଥୀ (ଶ୍ରୀରାଜ ପ୍ରତାପ ନାରାୟଣ ରାୟ କୃତ) ଟ ୦ ।

ଶ୍ରୀ ରାଜ ପ୍ରତାପ ନାରାୟଣ ରାୟ
କୃଷ୍ଣପ୍ରିୟା କୁଠୀର, କଟକ ।

Digitized by srujanika@gmail.com